ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.238 Bhubaneswar Wednesday November 01 2023 | ୨୬ତମ ବର୍ଷ ସଂଖ୍ୟା–୨୩୮ ଭୁବନେଶ୍ୱର, ବୁଧବାର, ନଭେମ୍ବର ୦୧, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

## ଓଡିଶାରେ ହେଉଛି ବର୍ଷକୁ ଲକ୍ଷେ କୋଟିର ଦୁର୍ନୀତି: ବିଜେପି, ୧୪ରୁ କରିବ ୫ଦିନିଆ ବ୍ଲକ ଘେରାଉ

ଭୁବନେଶ୍ୱର,୩୧।୧୦(ପି.ଏନ): ଓଡିଶାରେ ବର୍ଷକୁ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ଦୁର୍ନୀତି ହେଉଛି । ପଂଚାୟତରୁ ସଚିବାଳୟ ପର୍ଯ୍ୟନ୍ତ ସବୁଠୁ ଖୁଲମଖୁଲା ଦୁର୍ନୀତି ଓ ପିସି କାରବାର ଚାଲିଛି । ନବୀନ ପଟ୍ଟନାୟକ ସରକାରଙ୍କ ଗୁମାସ୍ତାମାନେ ଏବେ ସାଧାରଣ ଓଡିଆ ଲୋକଙ୍କ ତଣ୍ଟି ଚିପିବା ପାଇଁ ବସିଛନ୍ତି । ଏ ସରକାର କେବଳ ବିଜ୍ଞାପନରେ ବଂଚିଛି । ଏଭଳି କିଛି ସଙ୍ଗୀନ ଅଭିଯୋଗ ଆଣିଛି ବିଜେପି । ଆଉ ଦୁର୍ନୀତି, ଭ୍ରଷ୍ଟାଚାର ଓ ବ୍ୟଭିଚାର ବିରୁଦ୍ଧରେ ଆସନ୍ତା ୧୪ତାରିଖରୁ ୫ଦିନ ଧରି ରାଜ୍ୟର ସମସ୍ତ ବ୍ଲକ ଘେରାଉ କରିବ ବୋଲି ବିଜେପି ଘୋଷଣା କରିଛି ।ଆଜି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି ଯେ, ୨୩ ବର୍ଷର ଶାସନରେ ଓଡିଶା ଯଦି କ'ଣ ପାଇଛି ତାହା ହେଉଛି ଦୁର୍ନୀତି, ଭ୍ରଷ୍ଟାଚାର, ମହିଳାବିରୋଧୀ ହିଂସା ଏବଂ ଏକ ଅଗଣତାନ୍ତ୍ରିକ ଓ ଅଣରାଜନୈତିକ



ପଦ୍ଧତିରେ ଚାଲୁଥିବା ଏକ ଶାସନ ବ୍ୟବସ୍ଥା । ଆଜି ପଂଚାୟତରୁ ନେଇ ବ୍ଲକ, ଜିଲ୍ଲା ସ୍ତରୀୟ ଅଫିସରୁ ନେଇ ସଚିବାଳୟ ପର୍ଯ୍ୟନ୍ତ ସବୁଠାରେ ଖୁଲମଖୁଲା ଦୁର୍ନୀତି, ପିସି କାରବାର ଚାଲିଛି । ଓଡିଶାରେ ବର୍ଷକୁ ୧ ଲକ୍ଷ କୋଟି ଟଙ୍କାର ଦୁର୍ନୀତି ହେଉଛି । ସରକାରଙ୍କ ଗୁମାସ୍ତାମାନେ ଏବେ ସାଧାରଣ ଓଡିଆ ଲୋକଙ୍କ ତଂଟି ଚିପିବା ପାଇଁ ବସିଛନ୍ତି । କେବଳ ବିଜ୍ଞାପନରେ ବଂଚିଛନ୍ତି ସରକାର । ଓଡିଶାରେ ସରକାରୀ ବିରୋଧୀ ଜନଆକ୍ରୋଶ ହେଉଛି ଆମର ପୁଞ୍ଜି ବୋଲି ଶ୍ରୀ ସାମଲ କହିଛନ୍ତି । ଗତ ଦୁଇ ମାସ ତଳେ ବିଜେପି ସାରା ରାଜ୍ୟରେ ସମସ୍ତ ପଂଚାୟତରେ ଦୁର୍ନୀତି, ଅପାରଗତା, ଭ୍ରଷ୍ଟାଚାର ବିରୋଧରେ ଘେରାଉ କାର୍ଯ୍ୟକ୍ରମ କରିଥିଲା । ପଂଚାୟତରେ ହୋଇଥିବା ଏହି ଘେରାଉ କାର୍ଯ୍ୟକ୍ରମରେ ଦଳକୁ ମିଳିଥିବା ଅଭୂତପୂର୍ବ ଜନସମର୍ଥନ ମିଳିଛି । ଆଉ ଏହା ସାଧାରଣ ଲୋକଙ୍କ ମନରେ ଏହି ସରକାର ବିରୋଧରେ ଏକ ବିପୁଳ ଜନଆକ୍ରୋଶ ଭରପୂର ରହିଥିବାର ପ୍ରମାଣ ଦେଉଛି । ସାଧାରଣ ଲୋକଙ୍କ ହକ୍ ଅଧିକାର ପାଇଁ ଆମର ଏହି ଲଢେଇ ଜାରି ରହିବ । ଆସନ୍ତା ନଭେମ୍ବର ୧୪ ରୁ ୧୮ ଏହି ୫ ଦିନ ଧରି ରାଜ୍ୟର ସମସ୍ତ ବ୍ଲକ୍ ସମ୍ମୁଖରେ ଘେରାଉ କାର୍ଯ୍ୟକ୍ରମ କରାଯିବ । ରାଜ୍ୟରେ ପଂଚାୟତରୁ ନେଇ ବ୍ଲକ, ଜିଲ୍ଲାପାଳ ଅଫିସ ପର୍ଯ୍ୟନ୍ତ ଚାଲିଥିବା ୫୦% ପିସି କାରବାର ହେଉଛି । 'ଆମ ଓଡିଶା ନବୀନ ଓଡିଶା'ରେ ହେଉଥିବା ସମସ୍ତ କାମରେ ୫୦% ପିସି କାରବାର କରାଯାଇ ବିଜୁ ଜନତା ଦଳର କର୍ମୀମାନଙ୍କୁ ନିର୍ବାଚନ ଆଗରୁ ପଇସା ପହଂଚାଯାଉଛି । ସାଧାରଣ ଲୋକଙ୍କ ପାଇଁ ଆସିଥିବା ଅର୍ଥକୁ ଲୁଟ୍ ?ପାଟ୍ କରାଯାଉଛି । ରାଜ୍ୟରେ ଦୁର୍ନୀତିର ସୀମା ଲଘିଂଛି । କେବଳ ବଡବଡ କୋଠା ନିର୍ମାଣ ହେଉଛି ଓଡିଶା ବାହାରର ଠିକା ସଂସ୍ଥାକୁ ପୋଷିବା ପାଇଁ । ଆଉ ଏପଟେ ରାଜ୍ୟ ସରକାର ସମସ୍ତଙ୍କ ପାଖରେ ପିଇବା ପାଣି ଟୋପେ ଦେଇପାରୁନାହାଁନ୍ତି ।

## ପାଣ୍ଡିଆନଙ୍କ ଇସ୍ତଫା ନାଟକ ପଛରେ ବିଜେଡ଼ି ଓ ବିଜେପିର ମଧୁଚନ୍ଦ୍ରିକା

ଭଦ୍ରକ, ୩୧।୧୦(ପି.ଏନ): ସ୍ୱେଚ୍ଛାକୃତ ଅବସର ପାଇଁ ଜନୈକ ଆଇଏଏସ୍ ଅଧିକାରୀଙ୍କ ଆବେଦନପତ୍ର ଦୀର୍ଘ ୧ ମାସରୁ ପଡ଼ି ରହିଥିବା ବେଳେ ଆଇଏଏସ୍ ଭି.କେ. ପାଣ୍ଡିଆନ୍‌ଙ୍କ ଇସ୍ତଫାପତ୍ର ମାତ୍ର କେଇଘ ।ରେ ଅନମୋଦିତ ହେବା ଉଭୟ ବିଜେଡ଼ି ଓ ବିଜେପିର ମଧୁଚନ୍ଦ୍ରିକାର ଏକ ଜ୍ୱଳନ୍ତ ପ୍ରମାଣ ବୋଲି ଆଜି ଜିଲ୍ଲା କଂଗ୍ରେସ ମୁଖ୍ୟମୁଖପାତ୍ର ଶୁଭେନ୍ଦୁ ରାୟ ମହାପାତ୍ର ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଶ୍ରୀ ରାୟମହାପାତ୍ର କହିଥିଲେ କି ମାତ୍ର ୪୮ ଘ ।ରେ ପାଣ୍ଡିଆନ୍‌ଙ୍କ ଇସ୍ତଫାପତ୍ର ଗୃହୀତ ହେବା ବିଜେପି ସରକାରର ଏକ କଳଙ୍କିତ ଅଧ୍ୟାୟ। ପୁଣି ପାଣ୍ଡିଆନଙ୍କ ବିରୁଦ୍ଧରେ ସର୍ବଭାରତୀୟ ପ୍ରଶାସନିକ ସେବାଆଇନ୍ ତଥା ଆଚାର ସଂହିତାର ଉଲଂଘନ କରାଯାଇଥିବାର ଏକ ମାମଲା ବିଚାରାଧିନ ରହିଥିବା ବେଳେ ସେ ଦୋଷୀ କି ନିର୍ଦ୍ଦୋଷ କୋର୍ଟ କୌଣସି ରାୟ ଦେଇ ନଥିବା ବେଳେ ତାଙ୍କ ଇସ୍ତଫାପତ୍ର କିପରି ଅନୁମୋଦନ କରାଗଲଣ ବୋଲି ରାୟମହାପାତ୍ର ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ପାଣ୍ଡିଆନଙ୍କ ଇସ୍ତଫା ଗ୍ରହଣ ହେବାର ମାତ୍ର ୨ ଘ । ନ ପୂରୁଣୁ ତାଙ୍କୁ ୫ଟି ଅଧକ୍ଷ ପକ୍ଷରେ ନିଯୁକ୍ତ କରାଯିବା ବିଜେଡ଼ି ସରକାରର ଆଉ ଏକ ଚାଲ। ରାଜ୍ୟରେ ପାଣ୍ଡିଆନ ୫ଟି ସଚିବରୁ ଯିବା ପରେ ସରାକର ଆଉ ଜଣଙ୍କୁ ସେ ପଦରେ ନିଯୁକ୍ତି ନ କରି ପାଣ୍ଡିଆନଙ୍କୁ କ୍ୟାବିନେଟ ପାହ୍ୟାର ମନ୍ତ୍ରୀ କ୍ଷମତାର ୫ଟି ଅଧକ୍ଷ କରିବା ମୂଳରେ କୋଉ ଅଭିସନ୍ଧି ରହିଛି ବୋଲି ପଚାରିଥିଲେ। ଜଣେ ଅଣଓଡ଼ିଆ ମୁଖ୍ରମନ୍ତୀଙ୍କ ଡମି ସାଜି ଓଡ଼ିଶାକୁ ପରୋକ୍ଷ ଶାସନ କରିବା ଓଡ଼ିଶାବସୀଙ୍କ ପ୍ରତି ଘୋର ଅପମାନ। ଆଗାମୀ ୨୦୨୪ ନିର୍ମାଚନରେ ବିଜେଡ଼ି ବିଜେପିର ଭିତିରି ବୁଝାମଣା ପାଇଁ ପାଣ୍ଡିଆନ ମାଧମ ହେବା ଏଇଥିରୁ ସ୍ୱଷ୍ଟ ଜଣାପଡୁଛି। ଆମ ଓଡ଼ିଶା ଓ ନବୀନ ଓଡ଼ିଶା ନାମରେ ରାଜ୍ୟ ରାଜକୋଷରୁ ଯେଉଁ ୪ ହଜାର କୋଟିଠି ଟଙ୍କା ଖର୍ଚ୍ଚ କରାଯିବାର ଯେଉଁ ନିଷ୍ପତି ହୋଇଛି ତାହା ବାସ୍ତବରେ ଆଗାମୀ ନିର୍ବାଚନ ବଜେଟ ବୋଲି ରାୟମହାପାତ୍ର କହିଛନ୍ତି। ତୁରନ୍ତ ରାଜ୍ୟ ସରକାର ପାଣ୍ଡିଆନଙ୍କ ଇସ୍ତଫା ପଛର ରହସ୍ୟ ସର୍ବସାଧାଣରେ ପ୍ରକାଶ କରନ୍ତୁ ବୋଲି ଶ୍ରୀ ରାୟମହାପାତ୍ର ଦାବି କରିଛନ୍ତି। ଏହି ଖବରଦାତା ସମ୍ମିଳନରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କଂଗ୍ରେସ ସଭାପତି ଅଶୋକ ଦାସ, ରାଜ୍ୟ ମହିଳାମୋର୍ଚ୍ଚା ସାଧାରଣ ସମ୍ପାଦିକା ଅମିତାବାଳା ଆଚାର୍ଯ୍ୟ,ବରିଷ୍ଠ କଂଗ୍ରେସ ନେତା ବିଦ୍ୟାଧର ଜେନା, ବଳରାମ ରାଉତ, ଇଲିଆସ ଖାଁ, ସୁଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ତିନିଦିନିଆ ୟୁଏଇ ଗସ୍ତରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର, ୩୧।୧୦(ପି.ଏନ): ଭାରତ ଏବଂ ୟୁଏଇ ମଧ୍ୟରେ ଶିକ୍ଷା ଓ ଦକ୍ଷତା କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନଭେମ୍ବର ୧ରୁ ୩ ତାରିଖ ପର୍ଯ୍ୟନ୍ତ ତିନିଦିନିଆ ୟୁଏଇ ଗସ୍ତରେ ଯାଉଛନ୍ତି ।ଏହି ଗସ୍ତ କାଳରେ କେନ୍ଦ୍ରମନ୍ତ୍ରୀ ୟୁଏଇର ଅନେକ ପ୍ରମୁଖ ମନ୍ତ୍ରୀ, ଅଧିକାରୀ, ଶିକ୍ଷାବିତଙ୍କ ସମେତ ପ୍ରବାସୀ ଭାରତୀୟଙ୍କ ବିଶିଷ୍ଟ ପ୍ରତିନିଧି ଏବଂ ବ୍ୟବସାୟୀ ମୁଖ୍ୟମାନଙ୍କୁ ଭେଟିବା ସହ ଉଭୟ ଦେଶର ଶିକ୍ଷା ଓ ଦକ୍ଷତା କ୍ଷେତ୍ରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ନଭେମ୍ବର ୧ରେ ପ୍ରଥମ ଦିନରେ କେନ୍ଦ୍ରମନ୍ତ୍ରୀ ୟୁଏଇର ଶିକ୍ଷା ମନ୍ତ୍ରୀ ଡ. ଅହମ୍ମଦ ବେଲହୋଲ ଅଲ୍ ଫଲାସୀ, ପ୍ରାଥମିକ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ତଥା ଆବୁଧାବି ଶିକ୍ଷା ଓ ଜ୍ଞାନ ବିଭାଗ (ଏଡିଇକେ)ର ଅଧକ୍ଷା ସାରା ମୁସଲ୍ଲମ ଏବଂ ୟୁଏଇର ବୈଦେଶିକ ମନ୍ତ୍ରୀ ଶେଖ୍ ଅବଦୁଲ୍ଲା ବିନ୍ ଜାୟେଦଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି ।

## ଗୁମୁରୀ କାନ୍ଦୁଛି ରୁମ୍ଭେଲ ଗାଁ; କେବେ ପଡିବ ବାବୁଙ୍କ ପାଦ ?

ଭୁବନେଶ୍ୱର,୩୧।୧୦(ପିଏନ):ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବିକାଶର ମାଳ ମାଳ ଚିତ୍ର ଦେଖାଉଛନ୍ତି ରାଜ୍ୟ ସରକାର। ତଥାପି ଗୁମୁରୀ କାନ୍ଦୁଛି ରୁମ୍ଭେଲ ଗାଁ। ହେଲେ କ'ଣ ପାଇଁ? ଏହାର ଉତ୍ତର ହୁଏତ ପ୍ରଶାସନ ପାଖରେ ନଥିବ। ହେଲେ ଗାଁ ଲୋକେ ବଖାଣିଛନ୍ତି ଦୁଃଖ ଓ ଯନ୍ତ୍ରଣାର ଗୋଟି ଗୋଟି କଥା। ଏ ସମ୍ପର୍କରେ ଜାଣିଲା ପରେ ଆପଣ ମଧ୍ୟ ଭାବିବେ ସତରେ କ'ଣ ଏମିତି ଗାଁ ରହିଛି। ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲାରୁ ଆସିଛି ବିକାଶର ବିକଳ ଚିତ୍ର। ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍‌ର ରୁମ୍ଭେଲ ଗାଁ। ଏହି ଗାଁର ଲୋକ ସଂଖ୍ୟା ୬୦୦ରୁ ଅଧିକ ହେବ। ବ୍ଲକ ସଦର ମହକୁମାଠାରୁ ୪୦ କିମି



ଦୂରରେ ଏହି ଗାଁଟି ରହିଛି। ସମସ୍ତେ ଚାଷ ଉପରେ ନିର୍ଭର କରି ଚଳନ୍ତି। କିନ୍ତୁ ଦୁଃଖର ବିଷୟ ଗାଁକୁ ଆଜିଯାଏଁ ଭଲ ରାସ୍ତା ଖଣ୍ଡିଏ ହୋଇପାରିଲା ନାହିଁ। ରାଜନେତାମାନେ ମାଳ ମାଳ ପ୍ରତିଶ୍ରୁତି ଦେଉଛନ୍ତି। ହେଲେ ଯିବା ଆସିବା ପାଇଁ ରାସ୍ତା ଖଣ୍ଡିଏ ଦେଇପାରିଲେ ନାହିଁ। ଯେଉଁଥିପାଇଁ ଗାଁ ଲୋକ ଜମ ଯନ୍ତ୍ରଣା ଭୋଗୁଛନ୍ତି। ଏବେ ଯେଉଁ ରାସ୍ତା ରହିଛି, ସେଥିରେ ଚାଲି ଚାଲି ଯିବା କଷ୍ଟକର। ଗାଡି କଥା ଛାଡନ୍ତୁ। ଗାଁର କୌଣସି ଲୋକ ଯଦି ଗୁରୁତର ରୋଗରେ ପୀଡିତ ହେଲେ, ତାହାହେଲେ କଥା ସରିଲା। ଗାଁଠାରୁ ୭ କିମି ଦୂର ଭାରରେ ବୋହିବାକୁ ପଡୁଛି। ତା'ପରେ ସେଠାରୁ ଲକ୍ଷ୍ମୀପୁର ମେଡିକାଲ୍? ନେବାକୁ ପଡୁଛି।

## ରାଜ୍ୟରେ ଆଇପିଏସ ସ୍ତରରେ ଅଦଳବଦଳ

ଭୁବନେଶ୍ୱର, ୩୧।୧୦(ପି.ଏନ): ରାଜ୍ୟରେ ଆଇପିଏସ ସ୍ତରରେ ଅଦଳବଦଳ ହୋଇଛି । ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଅରୁଣ ରାୟଙ୍କୁ ସରକାରୀ ପ୍ରେସ ନିର୍ଦ୍ଦେଶକ ଦାୟିତ୍ୱ ଦିଆଯାଇଛି । ଅମୃତ ମୋହନ ପ୍ରସାଦ ଜେଲ ବିଭାଗ ଡିଜି ଭାବେ ଦାୟିତ୍ୱ ତୁଲାଇବେ । ସେହିପରି ଲଳିତ ଦାସଙ୍କୁ ଏଚ୍‌ଆର୍‌ସି ଏଡିଜି ଭାବେ ଦାୟିତ୍ୱ ଦିଆଯାଇଥିବା ବେଳେ ଉମାଶଙ୍କର ଦାସ ଡିଆଇଜି ଏସଆଇଡବ୍ଲୁ ଭାବେ ଦାୟିତ୍ୱ ତୁଲାଇବେ । ଅତିରିକ୍ତ ପୋଲିସ କମିଶନର ଭାବେ ବ୍ରିଜେଶ କୁମାର ରାୟଙ୍କୁ ଦାୟିତ୍ୱ ଦିଆଯାଇଛି ।

## ପୁଣି ଚର୍ଚ୍ଚାରେ ପ୍ରଦୀପ ପାଣିଗ୍ରାହୀ: କେନ୍ଦ୍ରମନ୍ତ୍ରୀ ଓ ବାଚସ୍ପତିଙ୍କ ମଝିରେ ବସିଲେ

ଭୁବନେଶ୍ୱର,୩୧।୧୦(ପିଏନ):ବିଜେଡିରୁ ବହିଷ୍କୃତ ବିଧାୟକ ପ୍ରଦୀପ ପାଣିଗ୍ରାହୀ ପୁଣି ଚର୍ଚ୍ଚାରେ । ନବନିଯୁକ୍ତ ରାଜ୍ୟପାଳ ରଘୁବର ଦାସଙ୍କ ଆଜି ଶପଥ ଗ୍ରହଣ ସମାରୋହ ଉତ୍ସବରେ ନିମନ୍ତ୍ରିତ ଅତିଥିଙ୍କ ମଧ୍ୟରେ ଆଗଧାଡିରେ ପ୍ରଦୀପଙ୍କୁ ଦେଖିବାକୁ ମିଳିଥିଲା । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବାଚସ୍ପତି ପ୍ରମିଳା ମଲ୍ଲିକଙ୍କ ମଝିରେ ପ୍ରଦୀପ ବସିଥିବାକୁ ନେଇ ଏବେ ସୋସିଆଲ ମିଡିଆରେ ଚର୍ଚ୍ଚା । ତେବେ ଶପଥ ସମାରୋହ ଉତ୍ସବରେ ପ୍ରଦୀପଙ୍କ ପାଇଁ ଉକ୍ତ ଆସନ ଉଦ୍ଦିଷ୍ଟ ଥିଲା ନା ପ୍ରଦୀପ ନିଜ ଇଚ୍ଛାରେ ସେଠାରେ ବସିଥିଲେ ସ୍ପଷ୍ଟ ହୋଇନି ।ସୂଚନା ଅନୁସାରେ, ରାଜ୍ୟର ୨୬ତମ ରାଜ୍ୟପାଳ ଭାବେ ରଘୁବର ଦାସ ଆଜି ରାଜଭବନର ନୂଆ ଅଭିଷେକ ହଲରେ ପଦ ଓ ଗୋପନୀୟତାର ଶପଥ ନେଇଛନ୍ତି । ଏହି ଶପଥ ସମାରୋହ ଉତ୍ସବରେ ଗଣମାଧ୍ୟମକୁ ପ୍ରବେଶ ପାଇଁ ଅନୁମତି ନଥିଲା । ମାତ୍ର ରାଜଭବନ ସୂତ୍ରରୁ ଜଣାପଡିଛି ଯେ, ଏହି ଶପଥ ସମାରୋହ ଉତ୍ସବକୁ ବିଧାୟକ, ମନ୍ତ୍ରୀ ଓ ରାଜ୍ୟର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା । ହାଇକୋର୍ଟ



କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡଙ୍ଗୀ ନବନିଯୁକ୍ତ ରାଜ୍ୟପାଳ ଶ୍ରୀ ଦାସଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ ମଂଚରେ ଉପସ୍ଥିତ ଥିଲେ । ନିମନ୍ତ୍ରିତ ଅତିଥି ଭାବେ ଆଗଧାଡିରେ ବାଚସ୍ପତି ପ୍ରମିଳା ମଲ୍ଲିକ, ବରିଷ୍ଠ ମନ୍ତ୍ରୀ ପ୍ରଦୀପ ଅମାତ୍ , ବରିଷ୍ଠ ବିଧାୟକ ଶଶୀଭୂଷଣ ବେହେରା, ବିଧାୟକ ପ୍ରଦୀପ ପାଣିଗ୍ରାହୀ, ଅଶୋକ ବଳ ପ୍ରମୁଖଙ୍କୁ ଆଗଧାଡିରେ ବସିଥିବାର ଦେଖିବାକୁ ମିଳିଛି ।ତେବେ ବିଜେଡିରୁ ବହିଷ୍କୃତ ହେବା ପରଠୁ ପ୍ରଶାସନିକ କାର୍ଯ୍ୟରେ ଅଣଦେଖା ରହିଥିବା ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ଆଜି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଏକାଠି ବସିଥିବାର ଫଟୋ ଭାଇରାଲ ହେବାକୁ ନେଇ ରାଜ୍ୟ ରାଜନୀତିରେ ଚର୍ଚ୍ଚା ଆରମ୍ଭ ହୋଇଛି ।

## ଆମ ଓଡିଶା ନବୀନ ଓଡିଶା ସପ୍ତମ ଦିନରେ ବାଲେଶ୍ୱର ଓ ବଲାଙ୍ଗୀର ଜିଲ୍ଲାରେ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୧।୧୦(ପି.ଏନ): ରାଜ୍ୟ ସରକାରଙ୍କର ଗ୍ରାମାଭିମୁଖୀ ମହତ୍ୱାକାଂକ୍ଷୀ ଯୋଜନା 'ଆମ ଓଡିଶା ନବୀନ ଓଡିଶା' ମାଧ୍ୟମରେ ନୂଆ ଓଡିଶା ସଶକ୍ତ ଓଡିଶା ଗଠନର ଭିତ୍ତିଭୂମିକୁ ସୁଦୃଢ କରିବା ପାଇଁ ଆରମ୍ଭ ହୋଇଛି ଅଭିଯାନ। ଏହି କାର୍ଯ୍ୟକ୍ରମର ଫୋକସ୍ ହେବ ପ୍ରତି ପଂଚାୟତ, ପ୍ରତି ଗାଁ । ଆଜି ଭୁବନେଶ୍ୱରରୁ ଆଭାସୀ ଯୋଗେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କାର୍ଯ୍ୟକ୍ରମର ସପ୍ତମ ଦିନରେ ବାଲେଶ୍ୱର ଓ ବଲାଙ୍ଗୀର ଜିଲ୍ଲାରେ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି । ପ୍ରତି ପଂଚାୟତ ପାଇବେ ୫୦ ଲକ୍ଷ ଟଙ୍କା । ଏଥିପାଇଁ ବାଲେଶ୍ୱର ଜିଲ୍ଲାର ୮ଟି ନିର୍ବାଚନମଣ୍ଡଳୀକୁ ମିଳିଛି ୧୬୮ କୋଟି ଟଙ୍କା । ଏହି ନିର୍ବାଚନମଣ୍ଡଳୀ ଗୁଡିକ ହେଲା – ରେମୁଣା, ଭୋଗରାଇ, ଜଳେଶ୍ୱର, ବାଲେଶ୍ୱର, ସିମୁଳିଆ, ବସ୍ତା, ସୋର ଓ ନୀଳଗିରି । ଏହିସବୁ ନିର୍ବାଚନମଣ୍ଡଳୀର ୧୨ଟି ବ୍ଲକ୍‌ର ୩୫୬ଟି ଗ୍ରାମ ପଂଚାୟତରେ ୪୪୬୫ଟି ପ୍ରକଳ୍ପ ହେବ। ସେହିପରି ବଲାଙ୍ଗୀର ଜିଲ୍ଲାର ୫ଟି ନିର୍ବାଚନମଣ୍ଡଳୀ ପାଇଁ ୧୫୮.୫୦ କୋଟି ଟଙ୍କା ମଂଜୁର ହୋଇଛି। ଏହି ନିର୍ବାଚନମଣ୍ଡଳୀ ଗୁଡିକ ହେଲା – ବଲାଙ୍ଗୀର, ଟିଟିଲାଗଡ, ପାଟଣାଗଡ, କଣ୍ଟାବାଞ୍ଜି ଓ ଲୋଇସିଂଗା। ଏଥିରେ ୧୪ଟି ବ୍ଲକ୍‌ର ୩୧୭ଟି ଗ୍ରାମପଂଚାୟତରେ ୩୯୧୧ଟି ପ୍ରକଳ୍ପ କରାଯିବ। ଏହି କାର୍ଯ୍ୟକ୍ରମରେ ପ୍ରତି ଗାଁରେ ଜଗନ୍ନାଥ ସଂସ୍କୃତିର ପ୍ରସାର, ପ୍ରତି ପୂଜାସ୍ଥଳୀର ବିକାଶ ଜରିଆରେ ଓଡିଶାର ସଂସ୍କୃତିର ମୂଳ ଭିତ୍ତିକୁ ସୁଦୃଢ କରାଯିବା ସହିତ ଡିଜିଟାଲ ଭିତ୍ତିଭୂମିର ମଧ୍ୟ ବିକାଶ କରାଯିବ। ଏକ ଆକାଂକ୍ଷୀ ଓଡିଶା ଗଠନ ପାଇଁ ଏହା ହେବ ମୂଳ ଭିତ୍ତି । ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସଂସ୍କୃତିର ପ୍ରସାର ଓ ଆଧୁନିକ ଭିତ୍ତିଭୂମିର ଉନ୍ନତି ଆମର ଗାଁଗୁଡିକୁ ବିକାଶର ଶିଖରରେ ପହଂଚାଇବ। ଆମର ସୁଦୃଢ ସାଂସ୍କୃତିକ ଭିତ୍ତିଭୂମିରୁ ଆଧୁନିକ ବୈଷୟିକ ଜ୍ଞାନର ବିସ୍ତୃତ ଦିଗ୍‌ବଳୟକୁ ଛୁଇଁବା ନିମନ୍ତେ ନୂଆ ଓଡିଶା ତା'ର ଡେଣାକୁ ଆହୁରି ପ୍ରସାରିତ କରି ନୂଆ ଶିଖରରେ ପହଂଚିବ ଏବଂ ଆମେ ଗଢିବା ନୂଆ ଓଡିଶା ନବୀନ ଓଡିଶା । ନବୀନ ଓଡିଶାର ପରିଚୟ ନେଇ ରାଜ୍ୟର ପ୍ରତି ଗାଁ ବିକାଶର ମାର୍ଗରେ ଆଗକୁ ବଢିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।ସବୁ ଗାଁର ବିକାଶ ଆମର ଲକ୍ଷ୍ୟ। ଗାଁରେ ସମସ୍ତଙ୍କୁ ମିଳିବ ବିକାଶର ଗ୍ୟାରେଣ୍ଟି । ଗାଁ ଲୋକ ସମସ୍ତେ ଶିକ୍ଷା ଓ ସ୍ୱାସ୍ଥ୍ୟର ଗ୍ୟାରେଣ୍ଟି ପାଇବେ। ଗାଁ ଗାଁରେ ସଂସ୍କୃତିର ସୁରକ୍ଷା ହେବ ଓ ଆଧୁନିକତାର ବିକାଶ ହେବ। ବିକଶିତ ଗାଁ ହେବ ଆଧୁନିକ ଓଡିଶାର ପରିଚୟ। ଓଡିଶା ହେଉଛି ଜଗନ୍ନାଥଙ୍କ ଭୂମି । ବିଶ୍ୱ ପ୍ରେମ, ଶାନ୍ତି, ସଦ୍‌ଭାବ, ସମାନତା ଓ ସେବା ହେଉଛି ଜଗନ୍ନାଥ ସଂସ୍କୃତିର ବାର୍ତ୍ତା । ଜାତି, ଧର୍ମ, ସଂପ୍ରଦାୟ ନିର୍ବିଶେଷରେ ଏହା ସମସ୍ତଙ୍କୁ ନିଜର କରିପାରିଛି । ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମରେ ପ୍ରତି ଗାଁ ଗାଁରେ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ କରାଯିବ। ପ୍ରତି ପୂଜାସ୍ଥଳୀର ବିକାଶ କରାଯିବ। ଐତିହ୍ୟ ସ୍ଥଳୀ ଗୁଡିକର ସଂରକ୍ଷଣ କରାଯିବ। ଆମର ଭବିଷ୍ୟତ ବଂଶଧର ମାନଙ୍କ ନିମନ୍ତେ ଏସବୁ ସଂସ୍କୃତି ଓ ଐତିହ୍ୟ ସ୍ଥଳୀ ଗୁଡିକର ସଂରକ୍ଷଣ ଓ ସୁରକ୍ଷା ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହି ନୂଆ ଓଡିଶାରେ ଆମର ଭିତ୍ତିଭୂମି ହେବ ସୁଦୃଢ ଓ ଡେଣା ହେବ ଶକ୍ତ ଏବଂ ଆକାଂକ୍ଷୀ ଓଡିଶା ପରିକଳ୍ପନା ପାଇବ ସାକାର ରୂପ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିବା ସହ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମର ସଫଳ ରୂପାୟନରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ ।ଆଜିର କାର୍ଯ୍ୟକ୍ରମ ପାଇଁ ବାଲେଶ୍ୱର ଜିଲ୍ଲାର ୮ଟି ଓ ବଲାଙ୍ଗୀର ଜିଲ୍ଲାର ୫ଟି ନିର୍ବାଚନମଣ୍ଡଳୀରେ ଆୟୋଜିତ କାର୍ଯ୍ୟକ୍ରମରେ ବିପୁଳ ଜନସମାଗମ ହୋଇଥିଲା। ବାଲେଶ୍ୱର ଜିଲ୍ଲାର ରେମୁଣା ନିର୍ବାଚନ ମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା କାର୍ଯ୍ୟକ୍ରମରେ ୬୬ଟି ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ପାଇଁ ୭.୩୯ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଏହା ସହିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲ୍ଲାଗସ୍ତ ପରେ ୬ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୨୩.୧୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହା ମଧ୍ୟରେ ରହିଛି ରେମୁଣା ବହୁମୁଖୀ କମ୍ୟୁନିଟି ହଲ୍, କଣ୍ଟିଆଚୋରା ନଦୀର ପୁନରୁଦ୍ଧାର, କ୍ଷୀରଚୋରା ଗୋପିନାଥ ମନ୍ଦିରର ସୌନ୍ଦର୍ଯ୍ୟକରଣ ଏବଂ ଆଉ କେତେକ ସ୍କୁଲ ଓ କଲେଜର ରୂପାନ୍ତର। ସେହିପରି ଭୋଗରାଇ ନିର୍ବାଚନ ମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା କାର୍ଯ୍ୟକ୍ରମରେ ୫୩ଟି ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ପାଇଁ ୭.୧୯ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଏହା ସହିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲ୍ଲାଗସ୍ତ ପରେ ୬ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୮.୬୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହା ମଧ୍ୟରେ ରହିଛି ପ୍ରସିଦ୍ଧ ଚନ୍ଦନେଶ୍ୱର ମନ୍ଦିରର ସୌନ୍ଦର୍ଯ୍ୟକରଣ, ରଣସିଂହପୁର ଆଶ୍ରମ ସ୍କୁଲର ଉନ୍ନତୀକରଣ, ବାସୁଳୀ ମା' ମନ୍ଦିରର ସୌନ୍ଦର୍ଯ୍ୟକରଣ । ସେହିପରି ଜଳେଶ୍ୱର ନିର୍ବାଚନ ମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା କାର୍ଯ୍ୟକ୍ରମରେ ୧୨୨ଟି ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ପାଇଁ ୧୦.୩୬ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଏହା ସହିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲ୍ଲାଗସ୍ତ ପରେ ୪ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୫.୫୮ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହା ମଧ୍ୟରେ ଜଳେଶ୍ୱର ପୌରାଂଚଳରେ କ୍ରୀଡାର ବିକାଶ ପାଇଁ ଏକ ସ୍କେଟିଂଗ ରିଙ୍ଗ୍ । ଏହା ଦ୍ୱାର ଜିଲ୍ଲାରେ କ୍ରୀଡାର ବିକାଶରେ ଏକ ନୂଆ ଫର୍ଦ୍ଦ ଯୋଡି ହେବ। ଏହା ସହିତ ସିଦ୍ଧେଶ୍ୱର କଲେଜ ଓ ଯୁକ୍ତ ଦୁଇ ମହାବିଦ୍ୟାଳୟ, ଦିନକୃଷ୍ଣ କଲେଜ ଓ ଯୁକ୍ତ ଦୁଇ ମହାବିଦ୍ୟାଳୟ ଏବଂ ଜଳେଶ୍ୱର ମହିଳା କଲେଜ ଓ ଯୁକ୍ତ ଦୁଇ ମହାବିଦ୍ୟାଳୟ । ସେହିପରି ସୋର ନିର୍ବାଚନ ମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା କାର୍ଯ୍ୟକ୍ରମରେ ୯୦ଟି ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ପାଇଁ ୧୫.୭୦ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଏହା ସହିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲ୍ଲାଗସ୍ତ ପରେ ୮ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୧୯.୯୨ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହା ମଧ୍ୟରେ ରହିଛି ବାହନାଗା ହାଇସ୍କୁଲର ନିର୍ମାଣ ଓ ଅଧୁନିକୀକରଣ ଏବଂ ବାହନଗା ଗ୍ରାମପଂଚାୟତକୁ ଏକ ମଡେଲ ପଂଚାୟତ ଭାବେ ନିର୍ମାଣ, ବାହନାଗା ପ୍ରାଥମିକ ଚିକିତ୍ସାଳୟକୁ 'ଆମ ହସ୍ପିଟାଲ' ଭାବେ ଉନ୍ନତୀକରଣ, ଏହା ସହିତ ଦୁଇଟି ବୃହତ ସେତୁ ଏବଂ ୩ଟି ଡିଗ୍ରୀ ଓ ଯୁକ୍ତ ଦୁଇ କଲେଜ। ବସ୍ତା ନିର୍ବାଚନ ମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା କାର୍ଯ୍ୟକ୍ରମରେ ୧୨୭ଟି ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ପାଇଁ ୧୨.୩୯ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଏହା ସହିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲ୍ଲାଗସ୍ତ ପରେ ୧୦ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୧୦୭.୫୪ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହା ମଧ୍ୟରେ ରହିଛି ବାହରଦା ମାଛ ମାର୍କେଟର ଉନ୍ନତୀକରଣ, ଜଳକା ଡ୍ରେନେଜ୍ ସିଷ୍ଟମର ଉନ୍ନତୀକରଣ, ଡଗର ବେଳାଭୂମିର ସୌନ୍ଦର୍ଯ୍ୟକରଣ, ସେତୁ, ସ୍କୁଲ ଓ କଲେଜ। ବାଲେଶ୍ୱର ନିର୍ବାଚନ ମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା କାର୍ଯ୍ୟକ୍ରମରେ ୧୧୯ଟି ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ପାଇଁ ୧୮.୭୫ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଏହା ସହିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲ୍ଲାଗସ୍ତ ପରେ ୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୯.୦୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହା ମଧ୍ୟରେ ରହିଛି ଚାନ୍ଦିପୁର ବେଳାଭୂମିର ସୌନ୍ଦର୍ଯ୍ୟକରଣ, ଝାଡେଶ୍ୱର ମନ୍ଦିର, ଫକିରମୋହନ କଲେଜ, ବଳାଙ୍ଗି କଲେଜ ଓ ନୀଳମଣି କଲେଜ । ସେହିପରି ନୀଳଗିରି ନିର୍ବାଚନ ମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା କାର୍ଯ୍ୟକ୍ରମରେ ୧୦୧ଟି ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ପାଇଁ ୧୦.୯୧ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଏହା ସହିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲ୍ଲାଗସ୍ତ ପରେ ୮ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୨୮.୭୬ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହା ମଧ୍ୟରେ ରହିଛି ପ୍ରସିଦ୍ଧ ପଂଚଲିଙ୍ଗେଶ୍ୱର ପୀଠର ଉନ୍ନତୀକରଣ, ନୀଳଗିରି ରିସିଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଖୁମୁକୁଟ ଜଳପ୍ରକଳ୍ପ, ନୀଳଗିରି ଜଗନ୍ନାଥ ମନ୍ଦିରର ଉନ୍ନତୀକରଣ ଏବଂ କେତେକ ସ୍କୁଲ ଓ କଲେଜ। ସେହିପରି ସିମୁଳିଆ ନିର୍ବାଚନ ମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା କାର୍ଯ୍ୟକ୍ରମରେ ୮୮ଟି ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ପାଇଁ ୯.୨୫ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଏହା ସହିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲ୍ଲାଗସ୍ତ ପରେ ୧୨ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୨୦.୮୭ କୋଟି ଟଙ୍କା ମଞ୍ଜୁର କରାଯାଇଛି। ସେହିପରି ବଲାଙ୍ଗୀର ଜିଲ୍ଲାର ଟିଟିଲାଗଡ ନିର୍ବାଚନ ମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା କାର୍ଯ୍ୟକ୍ରମରେ ୫୪ଟି ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ପାଇଁ ୧୧.୨୦ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଏହା ସହିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲ୍ଲାଗସ୍ତ ପରେ ୮ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୧୬୮.୮୧ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ପ୍ରତାପ କେଶରୀ ଦେବ, ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ପାତ୍ର, ମନ୍ତ୍ରୀ ଶ୍ରୀ ନିରଞ୍ଜନ ପୂଜାରୀ, ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ, ବିଧାୟକ ଶ୍ରୀ ଅନନ୍ତ ଦାସ, ବିଧାୟକ ଶ୍ରୀ ନିତ୍ୟାନନ୍ଦ ସାହୁ, ବିଧାୟକ ଶ୍ରୀ ସ୍ୱରୂପ ଦାସ, ବିଧାୟକ ଶ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ବିଧାୟକ ଶ୍ରୀ ସରୋଜ ମେହେରଙ୍କ ସମେତ ଜିଲ୍ଲାପରିଷଦ ସଭାପତି, ସଦସ୍ୟଗଣ, ବ୍ଲକ ଚେୟାରମ୍ୟାନ, ସ୍ଥାନୀୟ ସରପଂଚ ପ୍ରମୁଖ ଆଭାସୀ ମାଧ୍ୟମରେ ଆଲୋଚନାରେ ଭାଗ ନେଇ ଗାଁ ଗାଁ ରେ ବିକାଶର ନୂଆ ଯୁଗ ଆସିଛି ବୋଲି ମତପ୍ରକାଶ କରିଥିଲେ ।

## ଉଚ୍ଚ ନ୍ୟାୟାଳୟର ଆଦେଶକୁ ଜିଲ୍ଲା ପ୍ରଶାସନର ବେଖାତିର, ଭାଙ୍ଗିଲା ଅଲେଖ ଶୁନ୍ୟବ୍ରହ୍ମ ସମାଧି ପୀଠ

କୋରେଇ, ୩୧।୧୦(ପି.ଏନ): କୋରାଇ ବ୍ଲକ ଅନ୍ତର୍ଗତ ମୁଳାପାଳ ମୌଜାର ରୁଡିଆ ଗ୍ରାମ ନିକଟରେ ଶତାଧିକ ବର୍ଷର ଅଲେଖ ଶୁନ୍ୟବ୍ରହ୍ମ ମଠକୁ ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ଏପରିକି ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ସ୍ଥଗିତାଦେଶ ସତ୍ୱେ ଉକ୍ତ ଆଦେଶକୁ ବେଖାତିର କରି ଯାଜପୁର ଜିଲ୍ଲା ପ୍ରଶାସନ ଭାଙ୍ଗିଦେଇଥିବାରୁ ତାହା ସ୍ଥାନୀୟ ଜନସାଧାରଣଙ୍କ ଭାବାବେଗକୁ ଧକ୍କା ପହଂଚିଛି। ପ୍ରକାଶ ଯେ ସଠିପୁର-ଯାଜପୁର ମୁଖ୍ୟ ରାସ୍ତାର ମୁଳାପାଳ ମୌଜାର ଖାତା ନଂ ୧୩୪ ପ୍ଲଟ ନମ୍ବର ୮୯୮,୮୯୯ ଓ ୯୦୦ ରେ ଅକ୍ଷଖ ଧର୍ମାବଲମ୍ବୀ ବାବା ଶଶୀଭୁଷଣ ଦାସ ଓ ମାତା ସନ୍ୟାସିନୀ ବସନ୍ତ ଦାସଙ୍କର ଦୁଇଟି ସମାଧି ପୀଠ ରହିଛି। ଯାହାଙ୍କୁ ରୁଡିଆ ସମେତ କରଦା, ମୁଳାପାଳ ଓ ମାଳଆନନ୍ଦପୁର ପଂଚାୟତବାସୀଙ୍କ ବିଶ୍ୱାସର ପ୍ରାଣକେନ୍ଦ୍ର ସ୍ୱରୁପ ବାର୍ଷିକ ପୁଜାର୍ଚ୍ଚନା ନିମନ୍ତେ ସମବେତ ହୁଅନ୍ତି। ତେବେ ରାସ୍ତା ସମ୍ପ୍ରସାରଣ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉକ୍ତ ସମାଧି ପୀଠ ଗୁଡ଼ିକୁ ଉଚ୍ଛେଦ କରିବା ଲାଗି ମସୁଧା କରିଥିଲା। ମାତ୍ର ଏହାକୁ ବିରୋଧ କରି ନରେନ୍ଦ୍ର ପଣ୍ଡା, ହରପ୍ରୀୟା ପଣ୍ଡା, ଅସିତ ମିଶ୍ର, ଶରତ ଜେନା, ସଚ୍ଚି ଜେନା, ବିଚିତ୍ର ମିଶ୍ରଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ମାନଙ୍କ ତରଫରୁ ଆଡ଼ଭୋକେଟ ଶୁଭେନ୍ଦୁ ପଣ୍ଡା ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ଏକ ପିଟିସନ ଫାଇଲ କରିଥିଲେ ଯାହାର ନଂ ଡ଼ବ୍ଲୁ ପି(ସି)୧୪୫୨୯/୨୨। ଏ ସଂକ୍ରାନ୍ତରେ ଶୁଭେନ୍ଦୁଙ୍କ ଆବେଦନ ଥିଲା ଯେ ସ୍ଥାନୀୟ ଲୋକଙ୍କ ଭାବାବେଗ ସହିତ ଜଡ଼ିତ ଉକ୍ତ ସମାଧି ଦୁଇଟିକୁ ନ ଭାଙ୍ଗି ପ୍ରଶାସନ ପକ୍ଷରୁ ସ୍ଥାନାନ୍ତରିତ କରାଯାଉ। ମାନ୍ୟବର ଉଚ୍ଚ ନ୍ୟାୟାଳୟ ମଧ୍ୟ ପ୍ରଶାସନକୁ ଉକ୍ତ ସମାଧି ପୀଠକୁ ନ ଭାଙ୍ଗି ରାସ୍ତା ପାଇଁ ଆବଶ୍ୟକ ଜମି ଅଧିଗ୍ରହଣ ପରେ ବଳକା ଥିବା ଜମିରେ ଉକ୍ତ ସମାଧି ଦୁଇଟିକୁ ସ୍ଥାନାନ୍ତରିତ କରାଯିବା ପରେ ଯାଇ ରାସ୍ତା ନିର୍ମାଣ କରିବାକୁ ଯାଜପୁର ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେବା ସହିତ ଯାଜପୁର ଜିଲ୍ଲାପାଳଙ୍କୁ ଏ ସଂକ୍ରନ୍ତରେ ସରଜମିନ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ଲାଗି ଆଦେଶ ପ୍ରଦାନ କରିଥିଲେ। ମାତ୍ର ଉଚ୍ଚ ନ୍ୟାୟଳୟର ଆଦେଶକୁ ବେଖାତିର କରି ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ମତେ ବ୍ୟାସନଗର ତହସିଲ ପକ୍ଷରୁ ପାଣିକୋଇଲି ଥାନାକୁ ଉଚ୍ଛେଦ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲାଗି ଆବଶ୍ୟକୀୟ ସହଯୋଗ ପ୍ରଦାନ କରିବା ଲାଗି ଚିଠି ଆସିବା ପରେ ପୁଲିସ ପକ୍ଷରୁ ତାହା ଆବେଦନକାରୀ ଓ ସ୍ଥାନୀୟ ଅଧିବାସୀଙ୍କୁ ଜଣାଯାଇଥିଲା। ମାତ୍ର କୋର୍ଟଙ୍କ ଆଦେଶ ସତ୍ୱେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉକ୍ତ ସମାଧି ପୀଠ ଦୁଇଟିକୁ ଭାଙ୍ଗିବା ଲାଗି ମସୁଧା କରାଯାଇଥିବାରୁ ପୁଣି ଥରେ ଆବେଦନକାରୀ ଉଚ୍ଚ ନ୍ୟାୟଳୟର ଦ୍ୱାରସ୍ଥ ହୋଇଥିଲେ। ଏ ସଂକ୍ରାନ୍ତରେ ମାନ୍ୟବର ଉଚ୍ଚ ନ୍ୟାୟଳୟ ଯାଜପୁର ଜିଲ୍ଲା ପ୍ରଶାସନକୁ ନଭେମ୍ବର ୧ ତାରିଖ ଦିନ ଯାଗପୁର ରୋଡ଼ ସିଭିଲ ଜଜଙ୍କ କୋର୍ଟରେ ଶୁଣାଣୀ ତାରିଖ ଧାର୍ଯ୍ୟ କରିଥିଲେ।








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ। ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହି। ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି। ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ। ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ। ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ। ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ। ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ। ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।


**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ। ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ। ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ। ଶୈଶବରେ ସେ "ରସାନନ୍ଦ ଜେନା" ନାମରେ ପରିଚିତ ଥିଲେ। ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ। ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା। ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ। ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା। ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ। କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା। ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ। ରଚନାବଲୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ। ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ "ପଲ୍ଲୀ ଚିତ୍ର" ନାମରେ କବିତାର ରୂପ ଦେଇଥିଲେ। ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ। ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ "ନାନା ବାୟା ଗୀତ" ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ। ସେ ୧୦୦ରୁ ଅଧିକ ସନେଟ ମଧ ଲେଖିଛନ୍ତି। ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ। ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ ରଚିଯାଇଛନ୍ତି।

## ରଣବୀର-କ୍ୟାଟ୍ରିନାଙ୍କୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ 'ଜଗା ଜାସୁସ୍'ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି। ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି। ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି। ଦୁଇଜଣଙ୍କ ଲୁକ୍ ମଧ ଖୁବ୍ ମଜାଳିଆ ହୋଇଛି। ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ। ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ। ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ। ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା'ନ୍ତା। ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା। ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି।

## ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ। ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍‌ଏମ୍‌ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା'ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା। ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି। ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି। ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା। ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ ମଗାଯାଇଥିଲା। ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା। ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି। ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି।

## ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚା ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।




# ସ୍ମୃତି ଓ ବିସ୍ମୃତିର ଅନ୍ତରାଳେ ନୌବାଣିଜ୍ୟ




ମହାଭାରତୀୟ ପରମ୍ପରାରେ ଓଡ଼ିଆମାନେ ଥିଲେ ଏକ ପ୍ରାଚୀନ ସଭ୍ୟଜାତି। ଏହି ଜାତିର ବୌଦ୍ଧିକ ଓ ବୈଷୟିକ ଐଶ୍ୱର୍ଯ୍ୟ ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ଏକଦା ଏହି ଓଡ଼ିଆଭାଷୀ ରାଜ୍ୟର ଭୌଗୋଳିକ ସୀମା ସାଧାରଣ ଭାବରେ ଗଙ୍ଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ ସୁବିସ୍ତୃତ ଥିଲା। ଦିଗ୍‌ବିଜୟୀ ସମ୍ରାଟମାନଙ୍କ ଶାସନ କାଳରେ ପ୍ରାଚୀନ କଳିଙ୍ଗ, ଉତ୍କଳ କିମ୍ବା କୋଶଳର ସୀମା ସାମୟିକ ପରିବର୍ତ୍ତିତ ହୋଇଥିଲା। ତଥାପି ଏହି ତିନିଗୋଟି ରାଜନୈତିକ ବିଭାଗ ବା ତ୍ରିକଳିଙ୍ଗର ଜନସାଧାରଣ ଯେ ଯଶସ୍ୱୀ ଓଡ଼ିଆ ଜାତିଥିଲେ, ଏହା ନିଃସନ୍ଦେହରେ କୁହାଯାଇପାରେ। ଏହି ଜାତି ପାଇଁ ସମୁଦ୍ର ଥିଲା ଏକ ଆହ୍ୱାନ। ସମୁଦ୍ରଯାତ୍ରା ଓ ନୌ-ବାଣିଜ୍ୟ କ୍ଷେତ୍ରରେ ପ୍ରାଚୀନ ଓଡ଼ିଶା ବା କଳିଙ୍ଗର ଭୂମିକା ଭାରତ ଇତିହାସରେ ଏକ ଗୌରବମୟ ଅଧ୍ୟାୟ। ଅତୀତରେ ଏହି କଳିଙ୍ଗ ରାଜ୍ୟର ସୁଦୀର୍ଘ ସମୁଦ୍ର ଉପକୂଳରେ ବହୁ ବନ୍ଦର ଥିଲା। ଏସବୁ ବନ୍ଦରମାନଙ୍କରୁ ସାଧବ ପୁଅମାନେ ସୁଦୂରରୁ ଅନେକ ଦୂର ଦରିଆପାରି ଦେଶମାନଙ୍କରେ ନୌ-ବାଣିଜ୍ୟ କରି ଏ ଦେଶକୁ ଧନଶାଳୀ କରିବା ସଙ୍ଗେ ସଙ୍ଗେ ଭାରତୀୟ ସଂସ୍କୃତି, ସାହିତ୍ୟ ଓ ଶିଳ୍ପ ଭାସ୍କର୍ଯ୍ୟର ପ୍ରଚାର କରିଥିଲେ।

ତେଣୁ ଆଜି ମଧ୍ୟ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ଓଡ଼ିଆ କାର୍ତ୍ତିକ ପୂର୍ଣ୍ଣିମା ଅବକାଶରେ ନୌକା ଭସାଇ "ଆ କା ମା ବୈ, ପାନ ଗୁଆ ଥୋଇ/ପାନ ଗୁଆ ତୋର, ମାସକ ଧର୍ମ ମୋର" ଉଚ୍ଚାରଣ ପୂର୍ବକ ନିଜର ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ସ୍ମରଣ କରିଥାଏ। ଏହା କେଉଁ କାଳରୁ ଆମ ସାମାଜିକ ଜୀବନର ଚଳଣି ହୋଇ ରହିଆସିଛି, ତାହା ଅବଧାରଣା କରିବା ଅତ୍ୟନ୍ତ କଷ୍ଟକର। ତଥାପି ଏହାକୁ ଅତୀତ ଓଡ଼ିଆ ସାଧବପୁଅର ନୌ-ଯାତ୍ରାର ବାର୍ତ୍ତାବହ କହିଲେ ଅତ୍ୟୁକ୍ତି ହେବ ନାହିଁ। କୁହାଯାଏ କଳିଙ୍ଗ ବଣିକ କାର୍ତ୍ତିକ ପୂର୍ଣ୍ଣିମା ଦିନ ପ୍ରତ୍ୟୁଷରୁ ସ୍ନାନ କରି କଳିଙ୍ଗଜାତ ପାନର ବିନିମୟରେ ଜାଭା ପ୍ରଭୃତି ଅଞ୍ଚଳରୁ ଯେଉଁ ଗୁଆ ଆମଦାନି କରେ, ସେହି ପାନ ଓ ଗୁଆ ଶୁଦ୍ଧ ମନରେ ଗଙ୍ଗାମାତାଙ୍କୁ ସମର୍ପଣ କରି ଧର୍ମର ଦ୍ୱାହି ଦେଇ ବାଣିଜ୍ୟ ନୌକା ମେଲି ଦେଉଥିଲା ଏବଂ ନୌକାପୃଷ୍ଠରେ ଭାସି ଭାସି ତୀର ଦେଶରୁ କ୍ରମେ ଅନ୍ତର ହେବାବେଳେ ସମବେତ ଆତ୍ମୀୟସ୍ୱଜନଙ୍କୁ ବିଦାୟକାଳୀନ ଇଙ୍ଗିତବାଣୀ ଶୁଣାଉଥିଲା -ଆ କା ମା ବୈ ଅର୍ଥାତ୍ ଆଷାଢ଼ଠାରୁ କାର୍ତ୍ତିକ ମଧ୍ୟରୁ ଫେରିବି, ଭୟ କରନା। ଏହାର ସ୍ମାରକୀ ସଦୃଶ କାର୍ତ୍ତିକପୂର୍ଣ୍ଣିମା ଦିନ ଓଡ଼ିଶାର ଲୋକାୟତରେ ବୋଇତ ବା ନୌକା ଭସା ଅନୁଷ୍ଠିତ ହୋଇଆସୁଛି। ସମ୍ଭବତଃ ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ ଯେଉଁଠି ଆବାଳବୃଦ୍ଧବନିତା ଧର୍ମ ପାଳନ କଲାଭଳି ନଦୀ ଓ ସମୁଦ୍ରଗୁଡ଼ିକୁ ବର୍ତ୍ତିକା ସମନ୍ୱିତ ବୋଇତ ଭସେଇ ଆଲୋକିତ କରିଥାନ୍ତି। କଦଳୀ ପାଟୁଆରେ ବୋଇତ, ପାନ ଗୁଆ, ବତୀ ଓ ଦୁର୍ବାକ୍ଷତ ଏହାର ଉପକରଣ। ବସ୍ତୁତଃ ଏହି ବୋଇତ ଭସା ନିଶ୍ଚିତଭାବେ ବନ୍ଦାପନାର ଏକ ପ୍ରତୀକ। ଘରକୁ ଧନରତ୍ନ ଧରି ଫେରୁଥିବା ସାଧବମାନଙ୍କ ସମ୍ମାନରେ ଏହା ଅନୁଷ୍ଠିତ ହୋଇଆସୁଛି। ଯାହାଫଳରେ ଆଜିବି ସାଗରପାରି ବାଣିଜ୍ୟର ମହତ୍ତ୍ୱକୁ ଓଡ଼ିଶାବାସୀ ଉପଲବ୍ଧ କରି ଆସୁଛନ୍ତି ଏବଂ ବୋଇତ ଭସାଇ ସେ ସ୍ମୃତିକୁ ଆଲୋକିତ କରି ରଖିଛନ୍ତି। ପ୍ରକୃତପକ୍ଷେ କହିବାକୁ ଗଲେ କଳିଙ୍ଗ ଅଧିବାସୀମାନଙ୍କର ନୌ-ଚାଳନା ଓ ନୌ-ବାଣିଜ୍ୟ ପରମ୍ପରା ଭାରତର ଗୌରବାବହ ଇତିହାସର ଏକ ସମୃଦ୍ଧ ଅଧ୍ୟାୟ। ଭାରତୀୟ ସଂସ୍କୃତିର ପରିପ୍ରସାର ସଙ୍ଗେ ସଙ୍ଗେ ଭାରତ ଓ ଦକ୍ଷିଣ-ପୂର୍ବ ଏସିଆ ମଧ୍ୟରେ ବାଣିଜ୍ୟିକ ସୁସମ୍ପର୍କ ବୃଦ୍ଧି କରିବା ଥିଲା କଳିଙ୍ଗ ନାବିକ ଓ ସାଧବମାନଙ୍କର ବିଶିଷ୍ଟ ଅବଦାନ।



ବସ୍ତୁତଃ କହିବାକୁ ଗଲେ ଓଡ଼ିଶାରେ ନୌ-ବାଣିଜ୍ୟର ପ୍ରସାର ପ୍ରାଗୈତିହାସିକ ଯୁଗରୁ ଆରମ୍ଭ କରି ଶୈଳୋଦ୍ଭବ ରାଜତ୍ୱ ପର୍ଯ୍ୟନ୍ତ ବିଶେଷ ଭାବରେ ରହିଆସିଥିଲା। ଏପରିକି ଭୌମକର ବଂଶର ରାଜାମାନେ ମଧ୍ୟ ଏଥିରେ ପୃଷ୍ଠପୋଷକତା କରିଥିଲେ। ଏହାସହ ସୋମବଂଶୀ ରାଜାମାନେ ଏ ଦିଗରେ ବିଶେଷ ଯତ୍ନବାନ ହୋଇନଥିଲେ ହେଁ ଏହି ପରମ୍ପରା ଅକ୍ଷୁଣ୍ଣ ରହିଥିଲା। ପରନ୍ତୁ ଗଙ୍ଗରାଜାମାନେ ଭୂଭାଗରେ ନିଜ ସାମ୍ରାଜ୍ୟର ସୀମାବିସ୍ତାର କରିବାକୁ ଯତ୍ନବାନ ହୋଇଥିବାରୁ ଓଡ଼ିଶାର ନୌ-ବାଣିଜ୍ୟ ପ୍ରତି ଆଦୌ ଦୃଷ୍ଟି ଦେଇନଥିଲେ। ତେଣୁ ଆମର ନୌ-ବାଣିଜ୍ୟ ଚୋଳ ରାଜାମାନଙ୍କର ଅଧିକାରକୁ ଆସି ଯାଇଥିଲା। କିନ୍ତୁ ଏ ପରିପ୍ରେକ୍ଷୀରେ କହିରଖେ, ଖ୍ରୀଷ୍ଟପୂର୍ବ ୨୬୧ରେ ଇତିହାସପ୍ରସିଦ୍ଧ ମଗଧ ସମ୍ରାଟ ଅଶୋକଙ୍କର କଳିଙ୍ଗଯୁଦ୍ଧ ହୋଇଥିଲା। ତଥାପି ଏହି ଘଟଣାର ବହୁପୂର୍ବରୁ ବହିର୍ବାଣିଜ୍ୟ ତଥା ଅନ୍ତର୍ବାଣିଜ୍ୟରେ କଳିଙ୍ଗବାସୀ ଭାରତବର୍ଷରେ ବେଶ୍ ପ୍ରତିଷ୍ଠିତ ହୋଇସାରିଥିଲେ। କଳିଙ୍ଗର ସୁଦୀର୍ଘ ସମୁଦ୍ର ଉପକୂଳ ଓ ସୁଗଭୀର ନଦୀଗୁଡ଼ିକ ଏ କ୍ଷେତ୍ରରେ ବିଶେଷ ସହାୟକ ହୋଇଥିବା ବୋଲି ସ୍ୱୀକାର୍ଯ୍ୟ। ତେଣୁ ବୋଧହୁଏ ନୌ-ବାଣିଜ୍ୟର ସୁବିଧା ହାସଲ ପାଇଁ ମଗଧସମ୍ରାଟ କଳିଙ୍ଗ ଆକ୍ରମଣ କରିଥାଇପାରନ୍ତି। ଏପରିକି ଅଶୋକଙ୍କ ବହୁପୂର୍ବରୁ କଳିଙ୍ଗର ଅଧିବାସୀ ବ୍ରହ୍ମଦେଶର ପେରୁ ଅଞ୍ଚଳରେ ଉପନିବେଶ ସ୍ଥାପନ କରିସାରିଥିଲେ। ଏହାସହ ଚୀନ ପରିବ୍ରାଜକ ମେଘାସ୍ଥିନିସ୍ କହନ୍ତି-ଚୀନ ଦେଶ ସହିତ ବହୁ ପ୍ରାଚୀନ କାଳରୁ କଳିଙ୍ଗର ବାଣିଜ୍ୟ ବ୍ୟବସାୟ ଚାଲିଆସିଥିଲା। ଚୀନ ଲୋକମାନେ ବାଣିଜ୍ୟ କରୁଥିବା ଭାରତୀୟମାନଙ୍କୁ କୁନ୍-ଲୋକ ବୋଲି କହୁଥିଲେ। ଯାହା କଳିଙ୍ଗ ଶବ୍ଦର ନାମାନ୍ତର ମାତ୍ର। ସେ କହିବା ପ୍ରକାରେ ସିଂହଳ ଓ କଳିଙ୍ଗ ମଧ୍ୟରେ ହାତୀର ବାଣିଜ୍ୟ ପ୍ରଚଳନ ଥିଲା। ଗ୍ରୀକ୍ ଐତିହାସିକମାନଙ୍କ ମତରେ-ପ୍ରଥମ ଓ ଦ୍ୱିତୀୟ ଶତାବ୍ଦୀରେ ଭାରତର ପୂର୍ବ ଉପକୂଳରେ ବହୁ ଉନ୍ନତଧରଣର ବନ୍ଦର ବିକାଶ ଲାଭ କରିଥିଲା। ସେଗୁଡ଼ିକ ହେଲା- କାଲିଚି (କୋରକେଇ), କାମରା (କାବେରୀ ପର୍ତ୍ତନମ୍), ପୋଡୁଚୁ (ପଣ୍ଡିଚେରୀ), ସପତମା (ମସୁଲିପଟ୍ଟମ୍), କଣ୍ଟକ ଶିଲାଇ (ଘଣ୍ଟଶିଳା), ପିଟୁଣ୍ଡ (ପିଥୁଣ୍ଡ), ପଲୌର (ପାଲୁର-ଦନ୍ତପୁର), ଗଙ୍ଗେ (ଗୋପାଳପୁର) ଓ ତାମଲିପି (ତାମ୍ରଲିପି)। ପ୍ରଥମ ତିନୋଟିକୁ ବାଦ୍‌ଦେଲେ ଅନ୍ୟ ସମସ୍ତ ବନ୍ଦର କଳିଙ୍ଗ ଉପକୂଳରେ ଅବସ୍ଥିତ ଥିଲା ଓ ସେଗୁଡ଼ିକ ମଧ୍ୟରେ ପାଲୁର ଥିଲା ସର୍ବବୃହତ୍। ଏପରିକି ଭୌଗୋଳିକ ଟୋଲେମୀ ପାଲୁର ବନ୍ଦରକୁ ସେକାଳର ସମୁଦ୍ରଗାମୀ ନୌକାଗୁଡ଼ିକର ଏକ ବିଶିଷ୍ଟ କେନ୍ଦ୍ର ରୂପେ ବର୍ଣ୍ଣନା କରିଛନ୍ତି। ଏହି ବିବରଣୀରୁ ସ୍ପଷ୍ଟ ଅନୁମେୟ ଯେ, ସେ କାଳରେ ପାଲୁରଠାରୁ ସମୁଦ୍ର ଭିତରକୁ ପ୍ରବେଶ କରିବା ସମ୍ଭବପର ହେଉଥିଲା ଓ ସମୁଦ୍ର ମଧ୍ୟ ଦେଇ ବ୍ରହ୍ମଦେଶ, ଶ୍ୟାମ (ଥାଇଲାଣ୍ଡ), ତାମ୍ରପର୍ଣ୍ଣୀ (ସିଂହଳ), ସୁବର୍ଣ୍ଣଦ୍ୱୀପ (ଜାଭା), କମ୍ବୋଜ, ଚମ୍ପା (ଆଧୁନିକ ଭିଏତ୍‌ନାମର ଅଞ୍ଚଳ) ଦେଶମାନଙ୍କ ସହ ସମ୍ପର୍କ ପ୍ରତିଷ୍ଠା କରିବାରେ କଳିଙ୍ଗର ନାବିକ ଓ ବଣିକମାନେ କୃତିତ୍ୱ ଅର୍ଜନ କରିଥିଲେ। ଯାହାଫଳରେ କଳିଙ୍ଗର ଅର୍ଥନୈତିକ ବିକାଶ ସଙ୍ଗେ ସଙ୍ଗେ ଧର୍ମ ଓ ସଂସ୍କୃତିର ପ୍ରସାର ମଧ୍ୟ ହୋଇପାରିଥିଲା।

ଏପରିକି ବୌଦ୍ଧଧର୍ମର ଅଭ୍ୟୁଦୟ କାଳରେ ତାମ୍ରଲିପ୍ତି, ଚେଲିତାଲୋ ପ୍ରଭୃତି ପ୍ରସିଦ୍ଧ ବନ୍ଦର ଥିବାର ଜଣାଯାଏ। ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀରେ କଳିଙ୍ଗରାଜ ଗୁହଶିବଙ୍କ ଦୁହିତା ହେମମାଳା ଓ ଜାମାତା ଦନ୍ତକୁମାର କଳିଙ୍ଗରେ ପୂଜିତ ବୁଦ୍ଧଦେବଙ୍କ ଦନ୍ତକୁ ନେଇ ସିଂହଳରେ ପହଞ୍ଚିଥିଲେ। ଚୀନ ଦେଶ ସହ କଳିଙ୍ଗର ନୌ-ସମ୍ପର୍କ ଅତିଶୟ ପ୍ରାଚୀନ। ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀରେ ଚୀନ ପରିବ୍ରାଜକ ଫାହିୟାନ କଳିଙ୍ଗର ତାମ୍ରଲିପ୍ତି ବନ୍ଦରରୁ ସିଂହଳ ଯାଇ ସେଠାରୁ କଳିଙ୍ଗ ଜାହାଜରେ ଜାଭା ବାଟ ଦେଇ ସ୍ୱଦେଶକୁ ଫେରିଥିଲେ। ସେହିପରି ସପ୍ତମ ଶତାବ୍ଦୀରେ ହୁଏନ୍‌ସାଂ ଓଡ଼ିଶା ଭ୍ରମଣରେ ଆସିଥିବା ସମୟରେ ପ୍ରତ୍ୟକ୍ଷଦର୍ଶୀ ଭାବରେ ଚେଲିତାଲୋ ବିଷୟ ବର୍ଣ୍ଣନା କରିଅଛନ୍ତି। ଏହାସହ ନବମ ଓ ଦଶମ ଶତାବ୍ଦୀ ବେଳକୁ ବଙ୍ଗୋପସାଗରରେ ଆରବ ନାବିକ ଓ ବଣିକମାନଙ୍କର ଆବିର୍ଭାବ ହେଲା। ସେମାନେ ଓଡ଼ିଶାକୁ ଉରସିନ ବା ରସଫିନ୍ ନାମରେ ଉଲ୍ଲେଖ କରିବା ସହିତ ସମୁଦ୍ର ସଙ୍ଗେ ସମ୍ପୃକ୍ତ କରିଅଛନ୍ତି।

ପ୍ରକୃତପକ୍ଷେ କହିବାକୁ ଗଲେ ଓଡ଼ିଶାର ନୌବାଣିଜ୍ୟ ପରମ୍ପରା ଅତି ପୁରାତନ। ଏହାର ଉପକୂଳ ସୁଦୀର୍ଘ ଅଟେ। ଏହାସହ ଏଠାରେ ଅବସ୍ଥିତ ବହୁତଗୁଡ଼ିଏ ବନ୍ଦର ଆନ୍ତର୍ବାଣିଜ୍ୟ ଓ ବହିର୍ବାଣିଜ୍ୟ ପାଇଁ ସୁପ୍ରସିଦ୍ଧ। ସମୁଦ୍ର ପଥରେ ଦୂରଦେଶକୁ ଯାଇ ବଣିକମାନେ ବହୁତ ଧନ ସମ୍ପତ୍ତିରେ ଏ ଦେଶକୁ ଧନୀ ଓ ସମୃଦ୍ଧିଶାଳୀ କରିଥିଲେ। ପଞ୍ଚଦଶ ଶତାବ୍ଦୀ ବେଳକୁ ଓଡ଼ିଶାର ବନ୍ଦରମାନଙ୍କରୁ ମାଲକ୍‌କାକୁ ବସ୍ତ୍ରାଦି ଦ୍ରବ୍ୟମାନ ରପ୍ତାନୀ ହେଉଥିଲା। ଷୋଡ଼ଶ ଶତାବ୍ଦୀ ବେଳକୁ ବାଣିଜ୍ୟ କାରବାର ମଧ୍ୟ ପ୍ରାଚ୍ୟ ଦେଶର ଲୋହିତସାଗର ଉପକୂଳସ୍ଥ ଆଚେନ ଓ ଜେଡ୍ଡାବନ୍ଦର ବ୍ୟତୀତ ବନ୍ତାମ୍, ପେଗୁ, ଟେନାସରିମ ଓ ଆଚିନ ଆଦି ବନ୍ଦର ସହିତ ସମ୍ପର୍କ ସ୍ଥାପନ କରିପାରିଥିଲା। ଷୋଡ଼ଶ ଶତାବ୍ଦୀର ପ୍ରାରମ୍ଭରେ ଇଉରୋପୀୟ ବଣିକମାନେ ଓଡ଼ିଶା ଉପକୂଳ ସହିତ ପରିଚିତ ହେଲେ ଏବଂ ପରେ ପରେ ବାଣିଜ୍ୟ କାରବାରରେ ଲିପ୍ତ ରହିଲେ। ପର୍ତ୍ତୁଗୀଜ, ଓଲନ୍ଦାଜ, ଦୀନାମାର ଓ ଫରାସୀ ବଣିକ କମ୍ପାନୀଙ୍କର ବାଣିଜ୍ୟିକ ସଂସ୍ଥାମାନ ଓଡ଼ିଶା ଉପକୂଳରେ ଗଢ଼ିଉଠିଥିଲା। କିନ୍ତୁ ସପ୍ତଦଶ ଶତାବ୍ଦୀରେ ଭାରତୀୟ ବଣିକମାନେ ଇଂରେଜ କମ୍ପାନୀର ସୁରକ୍ଷା ବଳୟ ମଧ୍ୟରେ ରହିଥିଲେ।

ମୋଟ ଉପରେ କହିବାକୁ ଗଲେ ବାଣିଜ୍ୟ ସୂତ୍ରରେ କଳିଙ୍ଗ ଭୂମି ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଭୂଖଣ୍ଡ ସହିତ ବହୁକାଳ ପର୍ଯ୍ୟନ୍ତ ନିବିଡ଼ ଭାବରେ ସମ୍ପୃକ୍ତ ରହିଥିଲା। କିନ୍ତୁ ଏହି ନୌବାଣିଜ୍ୟର ଐତିହ୍ୟ ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ କୌଣସି ପ୍ରକାରେ ତିଷ୍ଠି ରହିଥିଲା। ଇଂରେଜମାନେ ଓଡ଼ିଶା ଅଧିକାର କଲାପରେ ବହୁ ବନ୍ଦର ଲୁପ୍ତପ୍ରାୟ ହୋଇଯାଇଥିଲା। ଯେଉଁ କେତେକ ନାମକୁ ମାତ୍ର ଥିଲା, ସେଗୁଡ଼ିକ ଇଂରେଜ ସରକାରଙ୍କର ସମ୍ପୂର୍ଣ୍ଣ ଅକ୍ତିଆରରେ ରହି କେବଳ ସରକାରୀ କାର୍ଯ୍ୟରେ ନିୟୋଜିତ ହେଉଥିଲା। ଫଳତଃ ପ୍ରାଚୀନ ପ୍ରଧାନ ବନ୍ଦରଗୁଡ଼ିକ ବିସ୍ମୃତି ଗର୍ଭରେ ଲୀନ ହୋଇଗଲା। ପରିଶେଷରେ ଏତିକି କହିଲେ ଯଥେଷ୍ଟ ହେବ, ଓଡ଼ିଶାର ସାମୁଦ୍ରିକ ବାଣିଜ୍ୟ କାରବାର ଅତି ପୁରାତନ। ଏହାର ଉପକୂଳ ସୁଦୀର୍ଘ ଅଟେ ଏବଂ ଏଠାରେ ଅବସ୍ଥିତ ବହୁତ ବନ୍ଦର ଆନ୍ତର୍ବାଣିଜ୍ୟ ତଥା ବହିର୍ବାଣିଜ୍ୟ ପାଇଁ ସୁପ୍ରସିଦ୍ଧ। ଏସବୁ ସତ୍ତ୍ୱେ ନୌ-ବାଣିଜ୍ୟର ସେ ପୁରାତନ ପରମ୍ପରା ଆଉ ନାହିଁ। ତଥାପି ଓଡ଼ିଶାର ଜନସାଧାରଣ 'ଆ-କା-ମା-ବୈ' ଉଚ୍ଚାରଣ ସହ କାର୍ତ୍ତିକ ପୂର୍ଣ୍ଣିମା ଉତ୍ସବଟିକୁ ସେହି ପରମ୍ପରାର ଏକ ଚିରନ୍ତନ ସ୍ମୃତି ରୂପେ ଅଦ୍ୟାପି ବହନ କରି ଆସୁଛନ୍ତି।



# ଆଧ୍ୟାତ୍ମିକ ଆଲୋଚନାରେ ତୁଳସୀ ବିବାହ

ପ୍ରାଚୀନ କାଳରେ ଶଙ୍ଖଚୂଡ଼ ନାମରେ ଏକ ଅତ୍ୟାଚାରୀ ଦୈତ୍ୟ ଥିଲା। ତା'ର ପତ୍ନୀର ନାମ ଥିଲା ବୃନ୍ଦା। ବୃନ୍ଦା ଥିଲା ଜଣେ ପତିବ୍ରତା ମହିଳା। ଏହି କାରଣରୁ ଶଙ୍ଖଚୂଡ଼ର ପରାକ୍ରମ ଏବଂ ତେଜ ଅଧିକ ବଳଶାଳୀ ଥିଲା। ଏହିପରି ଶଙ୍ଖଚୂଡ଼ ଦେବ, ମାନବ ଉପରେ ଅତ୍ୟାଚାର ଚଳାଇଲା। ସମସ୍ତଙ୍କୁ ଯୁଦ୍ଧରେ ଜିତିନେଲା। ଦେବରାଜ ଇନ୍ଦ୍ରଙ୍କୁ ସ୍ୱର୍ଗ ଛାଡ଼ିବାକୁ ପଡ଼ିଲା। ଶଙ୍ଖଚୂଡ଼ର ଅତ୍ୟାଚାରରେ ଅତିଷ୍ଠ ହୋଇ ସମସ୍ତ ଦେବଗଣ ଭଗବାନ ବିଷ୍ଣୁଙ୍କ ଶରଣାପନ୍ନ ହେଲେ। ଶଙ୍ଖଚୂଡ଼ର ଅତ୍ୟାଚାରରୁ ମୁକ୍ତି ପାଇଁ ଗୁହାରି କଲେ। ଦେବଗଣ ଶ୍ରୀହରିଙ୍କୁ କହିଲେ ଯେ ଶଙ୍ଖଚୂଡ଼ର ପତ୍ନୀ ବୃନ୍ଦା ଜଣେ ପତିବ୍ରତା ନାରୀ, ତାର ସତୀତ୍ୱ ନଷ୍ଟ କରିଦେଲେ ଶଙ୍ଖଚୂଡ଼ର ପରାକ୍ରମୀ ତେଜ ନଷ୍ଟ ହୋଇଯିବ। ଫଳରେ ତାକୁ ହରାଇବା ସହଜସାଧ ହୋଇପଡ଼ିବ। ଶେଷରେ ଶ୍ରୀହରି ବିଷ୍ଣୁ ଶଙ୍ଖଚୂଡ଼ ବେଶ ଧାରଣ କରି ବୃନ୍ଦା ନିକଟକୁ ଗଲେ। ବୃନ୍ଦା ଭଗବାନ ବିଷ୍ଣୁଙ୍କ ମାୟା ଜାଣିପାରିଲା ନାହିଁ। ଭଗବାନ ବିଷ୍ଣୁଙ୍କୁ ସେ ନିଜ ପତି ବୋଲି ଭାବିଲା। ଫଳରେ ତାର ସତୀତ୍ୱ ନଷ୍ଟ ହୋଇଗଲା। ଅନ୍ୟପଟେ ଯୁଦ୍ଧଭୂମିରେ ଦେବତାଙ୍କ ସହିତ ଲଢୁଥିବା ପରାକ୍ରମୀ ଶଙ୍ଖଚୂଡ଼ର ତେଜ ନଷ୍ଟ ହୋଇଯିବା ଫଳରେ ସେ ଯୁଦ୍ଧଭୂମିରେ ମୃତ୍ୟୁବରଣ କଲା। ଏହି ସମସ୍ତ ଘଟଣା ସମ୍ପର୍କରେ ଜାଣିବା ପରେ ବୃନ୍ଦା ଦୁଃଖରେ ଭାଙ୍ଗିପଡ଼ିଲା। ସେ ଶ୍ରୀହରିଙ୍କୁ ଅଭିଶାପ ଦେଇ କହିଲା ଯେ ମୋ ସହିତ ଛଳ କରିଥିବାରୁ ତୁମକୁ ମୃତ୍ୟୁଲୋକରେ ଜନ୍ମ ନେବାକୁ ପଡିବ ଏବଂ ପତ୍ନୀବିୟୋଗ ସହିବାକୁ ହେବ। ଏହା କହି ବୃନ୍ଦା ନିଜ ପତିଙ୍କ ସହିତ ସତୀ ହୋଇଗଲା।



ଯେଉଁ ସ୍ଥାନରେ ବୃନ୍ଦା ସତୀ ହୋଇଗଲା ସେଠାରେ ଏକ ତୁଳସୀ ବୃକ୍ଷ ଉଠିଲା। ସେବେଠାରୁ ବୃନ୍ଦା ତୁଳସୀ ନାମରେ ପୂଜା ପାଇବାକୁ ଲାଗିଲେ। ଅନ୍ୟ ଏକ ପୌରାଣିକ ଆଖ୍ୟାନ ଅନୁଯାୟୀ, ଶ୍ରୀହରିଙ୍କୁ ପଥର ହୋଇଯିବା ଲାଗି ବୃନ୍ଦା ଅଭିଶାପ ଦେଇଥିଲା। ଅନ୍ୟପଟେ ବୃନ୍ଦାକୁ ତୁଳସୀ ବୃକ୍ଷରେ ପରିଣତ ହୋଇ ପୂଜା ପାଇବା ଲାଗି ଶ୍ରୀହରି ବରଦାନ ଦେଇଥିଲେ। ଯେଉଁ ମଣିଷ ଶ୍ରୀବିଷ୍ଣୁଙ୍କ ସହିତ ତୁଳସୀ ବିବାହ ପୂଜା କରାଇବ ସେ ମୃତ୍ୟୁ ପରେ ପରମଧାମ ପ୍ରାପ୍ତ କରିବ ବୋଲି ଶ୍ରୀବିଷ୍ଣୁ ବରଦାନ ଦେଇଥିଲେ। ତେଣୁ ପ୍ରତ୍ୟେକ ବର୍ଷ କାର୍ତ୍ତିକ ଶୁକ୍ଳ ଏକାଦଶୀ ତିଥିରେ ତୁଳସୀ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥାଏ।

କାର୍ତ୍ତିକ ଶୁକ୍ଳ ପକ୍ଷ ଏକାଦଶୀରେ ଭାରତର ଅଧିକାଂଶ ଅଞ୍ଚଳରେ ତୁଳସୀ ବିବାହ ପାଳିତ ହୁଏ। ହିନ୍ଦୁ ପୁରାଣ ଅନୁଯାୟୀ ତୁଳସୀ ହେଉଛନ୍ତି ବିଷ୍ଣୁପ୍ରିୟା। ତୁଳସୀ ପତ୍ର ବିନା ବିଷ୍ଣୁ ପୂଜନ ସଂପୂର୍ଣ୍ଣ ହୁଏନାହିଁ। ହିନ୍ଦୁଧର୍ମ ଅନୁଯାୟୀ ଦୁହେଁ ପତି-ପତ୍ନୀ। ଏହି ଦିନରେ ସାଧାରଣତଃ ବିଷ୍ଣୁ ପ୍ରତିମା ବା ଶାଳଗ୍ରାମ ସହ ତୁଳସୀ ପତ୍ର ମଧ୍ୟରେ ବୈଦିକ ରୀତିରେ ବିବାହ ଅନୁଷ୍ଠିତ ହୁଏ। କିମ୍ବଦନ୍ତୀ ଅନୁଯାୟୀ ଜଳନ୍ଧର ରାକ୍ଷସର ପତ୍ନୀ ବୃନ୍ଦା ଥିଲେ ଅତ୍ୟନ୍ତ ପତିବ୍ରତା। ତେଣୁ କେହି ଜଳନ୍ଧରକୁ ପରାଜିତ କରିପାରୁ ନଥିଲେ। ଦେବଗଣ ବାରମ୍ବାର ପରାଜିତ ହୋଇ ଭଗବାନ ବିଷ୍ଣୁଙ୍କ ଶରଣ ପଶିଲେ। ବୃନ୍ଦାଙ୍କ ପତିବ୍ରତା ଧର୍ମ ନ ଭାଙ୍ଗିଲେ ଏହା ସମ୍ଭବ ନଥିଲା। ଏହି କାମଟିକୁ ବିଷ୍ଣୁ ତୁଲାଇଲେ ଏବଂ ପରିଣାମସ୍ୱରୂପ ରଣାଙ୍ଗନରେ ଜଳନ୍ଧର ନିହତ ହେଲା। ବୃନ୍ଦା ଏହା ଜାଣିବା ପରେ ମୃତ୍ୟୁଲୋକରେ ଜନ୍ମ ହେବା ପାଇଁ ଭଗବାନଙ୍କୁ ଅଭିଶାପ ଦେବା ସହ ଅଗ୍ନିରେ ନିଜକୁ ଝାସ ଦେଇ ସତୀ ହୋଇଥିଲେ। ସେହି ସ୍ଥାନରେ ଜନ୍ମ ହୋଇଥିଲା ତୁଳସୀ ଗଛ। ଅନ୍ୟ ଏକ କିମ୍ବଦନ୍ତୀ ଅନୁଯାୟୀ କଳାପଥର ପାଲଟିବାକୁ ସେ ଶାପ ଦେଇଥିଲେ। ଆଉ ପଥର ସହ ତାଙ୍କର ବିବାହ କରାଇବା ପାଇଁ ଭଗବାନ ବର ଦେଇଥିଲେ। ଯେଉଁ ମଣିଷ ତୁଳସୀ ସହ ଶାଳଗ୍ରାମର ବିବାହ କରାଇବେ, ତାଙ୍କୁ ପରମ ଧାମ ପ୍ରାପ୍ତି ହେବ। ଏହା ବିଷ୍ଣୁ ଓ ମହାଲକ୍ଷ୍ମୀଙ୍କ ମଧ୍ୟରେ ପ୍ରତୀକାତ୍ମକ ବିବାହ।

**—ଶ୍ୟାମସୁନ୍ଦର ସାମଲ, ଶ୍ରୀସତ୍ୟସାଇ ସେବା ସମିତି, କଟକ, ଦୂରଭାଷ : ୯୭୭୮୬୩୫୯୨୬/୮୨୮୦୯୬୩୨୮୩**


# ଭାରତ ଯୋଡ଼- ଓଡ଼ିଶା ପରିବର୍ତ୍ତନ ଯାତ୍ରା



ଭୁବନେଶ୍ୱର ପିଏନ୍)-ଗତକାଲି ସକାଳ ଓଡ଼ିଶା ପରିବର୍ତ୍ତନ ଯାତ୍ରାର ଦ୍ୱିତୀୟ ଦିନରେ ଫୁଲନଖରା ସ୍ଥିତ ଲଖେଶ୍ୱର ମନ୍ଦିର ଠାରୁ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀଯୁକ୍ତ ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଆରମ୍ଭ ହେଲା। କଟକ ଜିଲ୍ଲା ସୀମାରେ ନଖରାଛକ ପୂର୍ବରୁ କଟକ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ମାନସ ଚୌଧୁରୀ ଏବଂ କଟକ ନଗର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ସୁରେଶ କୁମାର ମହାପାତ୍ର ଶ୍ରୀ ପଟ୍ଟନାୟକଙ୍କୁ ସ୍ୱାଗତ କରିବା ସହିତ ପଦଯାତ୍ରୀଙ୍କ ସହିତ ଯୋଡ଼ି ହୋଇ ପଦଯାତ୍ରା କରିଥିଲେ। ହଜାର ହଜାର କଂଗ୍ରେସ ନେତୃବର୍ଗ, କର୍ମୀ ଓ ସାଧାରଣ ଜନତା ଏହି ଭାରତ ଯୋଡ଼ ପରିବର୍ତ୍ତନ ଯାତ୍ରାରେ ସାମିଲ ହୋଇଥିଲେ। ପିର ବଜାର ସ୍ଥିତ ଦରଘାରେ ଚାଦର ଚଢ଼ାଇ ଏବଂ ନିକଟସ୍ଥ ହନୁମାନ ମନ୍ଦିରରେ ଶ୍ରୀ ପଟ୍ଟନାୟକ ଓ ଅନ୍ୟ ବରିଷ୍ଠ ନେତୃବର୍ଗ ପୂଜାର୍ଚ୍ଚନା ଓ ପ୍ରାର୍ଥନା କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଯାତ୍ରା ଯେତେ ଆଗକୁ ଆଗକୁ ଯାଉଥିଲା ଜନସମାଗମ ସେମିତି ବଢ଼ି ବଢ଼ି ଚାଲିଥିଲା। ତେଲଙ୍ଗାପେଣ୍ଠ ଓ ପ୍ରତାପନଗରୀ ଠାରେ ଶ୍ରୀ ପଟ୍ଟନାୟକଙ୍କୁ ସାଧାରଣ ଜନତା ତଥା କଟକ ଜିଲ୍ଲା କଂଗ୍ରେସ ନେତୃବୃନ୍ଦ ସ୍ୱାଗତ କରିବା ସହିତ ପଦଯାତ୍ରାରେ ଯୋଗଦେଇଥିଲେ। ପ୍ରଥମାର୍ଦ୍ଧରେ ଏହି ପଦଯାତ୍ରା ୧୨ କି.ମି. ଅତିକ୍ରମ କରି କଟକ ଗୋପାଳପୁର ଠାରେ ମଧ୍ୟାହ୍ନ ଭୋଜନ ପାଇଁ ବିରତି ନେଇଥିଲେ। ଅପରାହ୍ନରେ ପଦଯାତ୍ରା ଆରମ୍ଭ ହୋଇ ଏହା ଜଗତପୁର ଛକଠାରେ ପଂହଚିବା ପରେ ଦ୍ୱିତୀୟ ଦିନର ଯାତ୍ରା ଶେଷହେଲା। ରାସ୍ତାରେ ଶ୍ରୀ ପଟ୍ଟନାୟକ ସଂଖ୍ୟାଲଘୁ ସଂପ୍ରଦାୟର ବହୁ ନେତୃବର୍ଗ, ଆଇନଜୀବୀ, କୃଷକ, ଶ୍ରମିକ ଓ ସାମାଜିକ କର୍ମୀମାନଙ୍କୁ ଭେଟି ଆଲୋଚନା କରିଥିଲେ। ଶ୍ରୀ ପଟ୍ଟନାୟକ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତର ଦେଇ କହିଥିଲେ ଯେ ଭାରତ ଯୋଡ଼ ପରିବର୍ତ୍ତନ ଯାତ୍ରାର ମୂଳ ଉଦ୍ଦେଶ୍ୟ ଓଡ଼ିଶାର ଦୀର୍ଘ ୨୨ ବର୍ଷ ଓ କେନ୍ଦ୍ରର ୮ବର୍ଷର ଏକ କଳଙ୍କିତ, ଦୁର୍ନୀତିଖୋର, ଭ୍ରଷ୍ଟାଚାରୀ, ଗଣତନ୍ତ୍ର ଓ ସମ୍ବିଧାନ ବିରୋଧି ସରକାର ବିରୁଦ୍ଧରେ ଜନସଚେତନତା କରିବା। ଏ ରାଜ୍ୟର ଯୁବକ ଆଜି ଦିଶାହୀନ। କୃଷକ, ଶ୍ରମିକ, ସ୍ୱଳ୍ପଆୟକାରୀ ବର୍ଗ, ମଧ୍ୟବିତ ଆୟକାରୀ ବର୍ଗ ଉପେକ୍ଷିତ ଓ ଅତ୍ୟାଚାରିତ। ମହିଳାମାନେ ଆଜି ଅସୁରକ୍ଷିତ। ହଜାର ହଜାର ସଂଖ୍ୟାର ଲୋକ ଆଜି ଦାଦନ ଖଟିବାକୁ ଯାଉଛନ୍ତି। ୨୨ ବର୍ଷରେ ଗୋଟିଏ ବି କୃଷିଭିତ୍ତିକ ଶିଳ୍ପ ହୋଇପାରିଲା ନାହିଁ। କେବଳ ଗଣମାଧ୍ୟମରେ ବଂଚିବା ପାଇଁ ଶହ ଶହ ଏମଓୟୁ ଦସ୍ତଖତ କରାଯାଉଛି କିନ୍ତୁ ଆଜି ପର୍ଯ୍ୟନ୍ତ ଗୋଟିଏ ବି ଫଳବତୀ ହେଲା ନାହିଁ। କୃଷକର ଆୟ ଦ୍ୱିଗୁଣିତ କରିବାପାଇଁ ୨୦୧୨ ସୁଦ୍ଧା ପ୍ରତିଶ୍ରୁତି ପୂରଣ ହେଲା ନାହିଁ ସତ ୨୦୨୨ ବେଳକୁ ଆମ ରାଜ୍ୟର କୃଷକର ଆୟ ସାରା ଭାରତବର୍ଷର ସର୍ବନିମ୍ନ ହେଲା ଏହା ହେଉଛି କୃଷକମାନଙ୍କ ପ୍ରତି ନିଷ୍ଠା ଓ ଦାୟିତ୍ୱ। ବାସହୀନଙ୍କୁ ଗୃହଉପଯୋଗୀ ଜମି ଓ ବାସହରାଙ୍କ ମୁଣ୍ଡ ଗୁଂଜିବା ପାଇଁ ସମସ୍ତଙ୍କୁ ୨୦୨୨ ସୁଦ୍ଧା ସମସ୍ତଙ୍କୁ ପକ୍କାଘର ଯୋଗାଇ ଦିଆଯାଇଥିଲେ ମଧ୍ୟ ଆଜିବି ଲକ୍ଷ ଲକ୍ଷ ଲୋକଙ୍କ ମୁଣ୍ଡ ଉପରେ ଛାତ ଘର ନାହିଁ। ସବୁ ପ୍ରତିଶ୍ରୁତିଗୁଡ଼ିକ କେବଳ ପ୍ରତିଶ୍ରୁତିରେ ରହିଯାଉଛି। ମାଳ ମାଳ ଯୋଜନା କିନ୍ତୁ ଫଳ କିଛି ନାହିଁ। ଖାଉଟି ମୁଦ୍ରାସ୍ଫୀତି ଆଜି ୭.୪୧ରେ ପଂହଚିଲାଣି। ମହଙ୍ଗାମାଡ଼ରେ ଓଡ଼ିଶା ଲୋକଙ୍କ ଅଂଟା ଭାଙ୍ଗିଗଲାଣି। ବିଶ୍ୱ କ୍ଷୁଧା ସୂଚକାଙ୍କ ତାଲିକା ଅନୁସାରେ ଭାରତର ସ୍ଥାନ ଆଜି ୧୦୭, ୧୨୨ ରାଷ୍ଟ୍ର ମଧ୍ୟରୁ। ବେରୋଜଗାର ୪୫ ବର୍ଷର ରେକର୍ଡକୁ ଅତିକ୍ରମ କରିସାରିଛି। ଭାରତୀୟ ଟଙ୍କାର ବିନିମୟ ମୂଲ୍ୟ ଆମେରିକୀୟ ଡଲାର ତୁଳନରେ ଆଜି ୮୨.୭୯ ପଇସାରେ ପଂହଚିଲାଣି। ତଥାପି ନରେନ୍ଦ୍ର ମୋଦି ବିଶ୍ୱଗୁରୁ ବୋଲି ବୋଲାଉଛନ୍ତି। ଏହି ଦୀର୍ଘ ୮ବର୍ଷ ଧରି ଆତ୍ମପ୍ରଚାର ଓ ଭାରତକୁ ହିଂସା, ଦ୍ୱେଷ, ଘୃଣା, ସାଂପ୍ରଦାୟିକତା ସୃଷ୍ଟି କରି ଭାରତକୁ ଭାଗ ଭାଗ କରିବା ଛଡ଼ା ଅନ୍ୟ କିଛି କରାଯାଇନାହିଁ। କଂଗ୍ରେସ ଏ ଦେଶର ମୂଳ ଓ ଜନସାଧାରଣଙ୍କର ବଳ।

ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ଜୟଦେବା ଜେନା, ସନ୍ତୋଷ ସିଂ ସାଲୁଜା, ଭୂଜବଳ ମାଝୀ, ରବି ମଲ୍ଲିକ, ବିଜୟଲକ୍ଷ୍ମୀ ସାହୁ, ଦେବାଶିଷ ପଟ୍ଟନାୟକ, ବନ୍ଦିତା ପରିଡ଼ା, ସ୍ମୃତିରଂଜନ ଲେଙ୍କା, ୟାସିର ନୱାଜ, ନକୁଳ ନାୟକ, ବିଭୁତି ମିଶ୍ର, ବିଶ୍ୱଜିତ ଦାଶ, କିଶୋର ଜେନା, ବାଙ୍କନିଧି ବେହେରା, ସନତ ଦାସ, ସଂଜୟ ତ୍ରିପାଠୀ, ବିସ୍ମୟ ମହାପାତ୍ର, ଆଲୋକ ଲେଙ୍କା, ଅନିଲ ବେଉରା, ପ୍ରକାଶ ମିଶ୍ର, ରଜନୀ ମହାନ୍ତି, କାବୁ ମହାନ୍ତି, ଆକୁଉବ ଖାନ, ଦେବ ମହାନ୍ତି, ବିନୁ ପାଣି, ବିଶ୍ୱ ମହାନ୍ତି, ମଧୁମିତା ଆଚାର୍ଯ୍ୟ, ସୁବ୍ରତ ମହାପାତ୍ର, ସୁଶାନ୍ତ ତ୍ରିପାଠୀ, ବିଶ୍ୱଭୂଷଣ ମହାପାତ୍ର, ନଳିନିକାନ୍ତ ନାୟକ, ରଣଜିତ ସେନାପତି, ବିଭୁତିଭୂଷଣ ମହାପାତ୍ର, ଡ. ବିପ୍ଳବ ଶିଳାଦିତ୍ୟ, ଅନ୍ନପୂର୍ଣ୍ଣା ସାହୁ, ମନୋଜ ବିଶ୍ୱାଳ, ଶିଶିର ରଥ, ସଚ୍ଚିଦାନନ୍ଦ ରାଉତ, ପ୍ରିୟଜିତ ରାୟ, ରାଜୁ ସ୍ୱାଇଁ, ଶୋଭା ସିଂ, ବିଶ୍ୱନାଥ ଶତପଥି, ରାଜେନ୍ଦ୍ର ପଟ୍ଟନାୟକ, ବରଦା ସାହୁ, ଚନ୍ଦ୍ରଶେଖର ସାହୁ, ଉତମ ବେହେରା, ମାନସ ନାୟକ, ରାଜୀବ ମହାନ୍ତି, ନିରଂଜନ ଦାସ, ବିଶ୍ୱ ସାହୁ, ସୁଶ୍ରୀ କଳ୍ପନା ରାଉତରାୟ, କର୍ପୋରେଟ, ଜେ କାମାଶ ରାଓ, ହିଂମାଂଶୁ ରାଉତ, ଅଶୋକ ସାହୁ, ସେକ ଜାଫର, ବାବୁ ରାଓ, ରାଜଶ୍ରୀ ମିଶ୍ର, ଦଳି ମାଝୀ, ସମରେନ୍ଦ୍ର ହାତି, ଉଗ୍ରସେନ ଭୂଆଁ, ପ୍ରଭାତ ଭୂୟାଁ, ରାମଚନ୍ଦ୍ର ଗୋଛାୟତ, ଅଭିଷେକ ମହାନ୍ତି, ଦୀପକ ମହାପାତ୍ର, ଏମଡି ଶାହାଦୁଲ୍ଲା, ମନୋଜ ସାହୁ, ଶ୍ରୀୟାସ୍ମିତା ପଣ୍ଡା, ଦୁର୍ଗା ପାଢ଼ୀ, ଆଶିଷ ମଲ୍ଲିକ, ମୋହନ ଜେନା, ଅଶୋକ ଦାସ, ସୌମେନ୍ଦ୍ର ମହାନ୍ତି, ପ୍ରଭାତ ପ୍ରତାପ ସିଂ, ମାନସ ସେଠୀ, ସେକ ତାକୱିନ, ପୁଷ୍ପିତା ଦାସ, ଦିପ୍ତିରାଣୀ ପ୍ରଧାନ, ଜୟଶ୍ରୀ ପାତ୍ର, ପ୍ରଶନ୍ନ ନାୟକ, ପ୍ରଣତି ମିଶ୍ର, ସିଲି ସେଠୀ ପ୍ରମୁଖ ଯୋଗଦେଇଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୩, ନଭେମ୍ବର ୧**

# ଲୌହ ପୁରୁଷ : ସର୍ଦ୍ଦାର ବଲ୍ଲଭଭାଇ ପଟେଲ


ସୌର ଚନ୍ଦ୍ର ମହାପାତ୍ର

ଭାରତର ପ୍ରଥମ ଉପରାଷ୍ଟ୍ରପତି ତଥା ଗୃହ ମନ୍ତ୍ରୀ ସର୍ଦ୍ଦାର ପଟେଲଙ୍କ ପୁରା ନାମ ବଲ୍ଲଭାଭାଇ ଝଭେରଭାଇ ପଟେଲ। ଥରେ ନିଷ୍ପତ୍ତି ନେଲେ, ତାହାକୁ କୌଣସି ପରିସ୍ଥିତିରେ ବି ସେ ବଦଳାଉ ନଥିଲେ। ଆବେଗ ଉଦ୍‌ବେଗ ଅପେକ୍ଷା ନିଜ ନୀତିକୁ ସମ୍ମାନ ଦେବାରେ ସେ ଥିଲେ ପ୍ରବୀଣ। କଠୋର କର୍ମ-ଜୀବନ ପରିସର ମଧ୍ୟରେ ବଲ୍ଲଭଭାଇ ସର୍ବଦା ଲୌହ ଦୃଢ଼ ଥିଲେ। ସଂକଳ୍ପରେ ଦୃଢ଼ତା ତାଙ୍କୁ ଲୋକମୁଖରେ ଲୌହ ପୁରୁଷ ଭାବେ ପରିଚିତ କରାଇଥିଲେ। କର୍ମମୟ ଜୀବନରେ ସେ ଥିଲେ ଜଣେ ନୀତିନିଷ୍ଠ ବାରିଷ୍ଟର ଓ ରାଷ୍ଟ୍ରନେତା। ଦୃଢ଼ ଭଗବତ ବିଶ୍ୱାସ, ମାତୃଭୂମି ପ୍ରତି ମମତା, ଗାନ୍ଧିଜୀଙ୍କ ପ୍ରତି ସଶ୍ରଦ୍ଧ ସ୍ନେହ, ତାଙ୍କ ଜୀବନକୁ ଗଭୀର ଭାବେ ପ୍ରଭାବିତ କରିଥିଲା। ପରିସ୍ଥିତି ସହିତ ଖାପ ଖୁଆଇ ଚଳିବା ପାଇଁ ସେ ସର୍ବଦା ପ୍ରସ୍ତୁତ ରହୁଥିଲେ। ଗାନ୍ଧିଜୀଙ୍କର ଅତି ନିକଟତମ ବ୍ୟକ୍ତିଭାବେ ସର୍ଦ୍ଦାର ପଟେଲ ଭାରତୀୟ ରାଜନୀତିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ଓ ସ୍ୱାଧୀନତା ଆନ୍ଦୋଳନକୁ ତ୍ୱରାନ୍ୱିତ କରିଥିଲେ। ୧୯୩୨ ଜାନୁଆରୀରୁ ୧୯୩୩ ମେ ମାସ ପର୍ଯ୍ୟନ୍ତ ସର୍ଦ୍ଦାର ପଟେଲ ଗାନ୍ଧିଜୀଙ୍କ ସହ ୟାରାବାଡ଼ ଜେଲରେ ରହିଥିଲେ। ଏହାଥିଲା ତାଙ୍କ ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ। ତାଙ୍କ ଜୀବନର ମହତ୍ତ୍ୱ ସମ୍ପର୍କରେ ଗାନ୍ଧିଜୀ କହିଥିଲେ ସରଦାର ପଟେଲ ଯେତେବେଳେ ମୋ ସହିତ ଅଛନ୍ତି, ସେତେବେଳେ ମୁଁ କିପରି ଏକୁଟିଆ ଅନୁଭବ କରିବି? ସେ ଏପରି ଥଟଲି ଲୋକ ଯେ ମୁଁ ହସିବା ପର୍ଯ୍ୟନ୍ତ ସେ ହସାଉଥିବେ। ଦିନକୁ ଥରେ ନୁହେଁ ବହୁତ ଥର ହସାନ୍ତି। ଦେଶ ସ୍ୱାଧୀନ ପରେ ପଟେଲଙ୍କ କର୍ମ ପରିସର ଅଧିକ ପରିବ୍ୟାପ୍ତ ହୋଇଥିଲା। ଜବାହାରଲାଲ ନେହରୁଙ୍କ ସହିତ ତାଙ୍କର ଅନେକ କ୍ଷେତ୍ରରେ ମତପାର୍ଥକ୍ୟ ରହୁଥିଲା। ମାତ୍ର ତତ୍କଳୀନ ଭାରତୀୟ ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ପଟେଲ ଥିଲେ ଏକମାତ୍ର ସୁଯୋଗ୍ୟ ବ୍ୟକ୍ତି। ମହାନ ଜାତିପ୍ରାଣ, ଟାଣୁଆ ଜନନେତା ସର୍ଦ୍ଦାର ପଟେଲ ତତ୍କାଳୀନ ବମ୍ବେ ପ୍ରେସିଡେନ୍‌ସି ଅନ୍ତର୍ଗତ ନଡ଼ିୟାଡ଼୍ ଠାରେ ୧୮୭୫ ଅକ୍ଟୋବର ୩୧ ତାରିଖ ଦିନରେ ଜନ୍ମ ଗ୍ରହଣ କରିଥିଲେ।

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ

*'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ*


# ନକାରାତ୍ମକ ବ୍ୟବହାର ଅବସାଦର କାରଣ


ଡାକ୍ତର ସମ୍ରାଟ କର

ସୂର୍ଯ୍ୟପ୍ରକାଶ ବହୁ ଦିନ ପରେ ଫୋନ କରି ତାଙ୍କ ବ୍ୟସ୍ତତା ଜଣାଇଲେ। ତାଙ୍କ ସାନ ଭାଇ ବେଳେ ବେଳେ ଉତ୍ତେଜିତ ହୋଇ ଅନ୍ୟମାନଙ୍କ ପ୍ରତି ବିରକ୍ତିକର ମନ୍ତବ୍ୟ ଦେବା ସହ ଉତ୍ତେଜିତ ହୋଇ ହିଂସାତ୍ମକ କାର୍ଯ୍ୟକଳାପ କିଛି କରିଦେଉଛି। ଯାହାଫଳରେ ତାହା ବ୍ୟକ୍ତିଗତ ଜୀବନ ଓ କର୍ମମୟ ଜୀବନ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇସାରିଲାଣି। ମୁଁ ତାଙ୍କ ବ୍ୟସ୍ତତା ସବୁ ଜାଣି କହିଲି ବାସ୍ତବରେ ଏହା ହେଉଛି, ଅନ୍ୟର କ୍ଷତି କରୁଥିବା ନକାରାତ୍ମକ ବ୍ୟବହାର କିମ୍ୱା କଥାକୁ ମନୋବିଜ୍ଞାନରେ ଟକ୍ସିକ ବିହେଭିୟର ବୋଲି କୁହାଯାଉଛି। ଏହାଦ୍ୱାରା ଭାବନାତ୍ମକ ଭାବେ ଜଣେ ବ୍ୟକ୍ତି ଆହାତ ହୋଇଥାଏ। ଯାହାକି ମାନସିକ ସ୍ତରରେ ଅସନ୍ତୁଳନ ସୃଷ୍ଟି କରେ। ଏହି ଟକ୍ସିକ ବିହେଭିୟର ଅନେକ ପ୍ରକାର ହୋଇଥାଏ। ଯଥା କାହାକୁ ଧମକାଇବା, ଉକ୍ତ ବ୍ୟକ୍ତିର ଭାବନାକୁ ଆଘାତ ଦେବା, ପ୍ରତ୍ୟେକ କ୍ଷେତ୍ରରେ ନକାରାତ୍ମକ ମନ୍ତବ୍ୟ ଦେବା, ଅନ୍ୟର ଆଚରଣକୁ ତାଚ୍ଛଲ୍ୟ କରି କହିବା, ଅତ୍ୟଧିକ ରାଗିଯାଇ କାହାକୁ ଆକ୍ରମଣ କରିବା ଇତ୍ୟାଦି। ଏଭଳି ବ୍ୟବହାର ଦ୍ୱାରା ପୀଡ଼ିତ ଥିବା ବ୍ୟକ୍ତିର ଭାବନାତ୍ମକ ସ୍ୱାସ୍ଥ୍ୟ ଗଭୀର ଭାବେ ପ୍ରଭାବିତ ହୋଇଥାଏ, ଯାହାକି ଚିନ୍ତା, ଅବସାଦ, ଏଙ୍ଗଜାଇଟି ଏବଂ ନିଜ ପ୍ରତି ହୀନମନ୍ୟତା ଭାବ ସୃଷ୍ଟି କରେ। ଏହା କେବଳ ପୀଡ଼ିତ ବ୍ୟକ୍ତିଙ୍କ କ୍ଷେତ୍ରରେ ନୁହେଁ, ଟକ୍ସିକ ବ୍ୟବହାର ପ୍ରଦର୍ଶନ କରୁଥିବା ବ୍ୟକ୍ତିଙ୍କ ମାନସିକ ସ୍ୱାସ୍ଥ୍ୟକୁ ମଧ୍ୟ କ୍ଷତି ପହଞ୍ଚାଇ ଥାଏ ବୋଲି ଏବେ ଏକ ନୂତନ ପରୀକ୍ଷଣରୁ ଜଣାପଡ଼ିଛି। କାରଣ ସବୁବେଳେ ଏଭଳି ବ୍ୟବହାର କରିବା ଦ୍ୱାରା ମସ୍ତିଷ୍କରେ ଏକ ନକାରାତ୍ମକ ଭାବନାର ଏକ ଫିଡବ୍ୟାକ ସଂଗୃହୀତ ହୋଇରହିଥାଏ। ଏହା ଧୀରେ ଧୀରେ ମସ୍ତିଷ୍କର ଦକ୍ଷତା ଉପରେ ପ୍ରଭାବ ପକାଏ ଏବଂ ଅସୁସ୍ଥ ମସ୍ତିଷ୍କ ଦ୍ୱାରା ଶାରୀରିକ କାର୍ଯ୍ୟପ୍ରଣାଳୀରେ ଅସନ୍ତୁଳନ ଦେଖାଯାଏ। ଉକ୍ତ ବ୍ୟକ୍ତିଙ୍କ ଠାରେ ଅବସାଦ, ଚିନ୍ତା, ଚିଡ଼ଚିଡ଼ାପଣ ଏବଂ ହାଇପରସେନ୍ସିଟିଭିଟି ଦେଖାଯାଏ। ଅନ୍ୟମାନଙ୍କ ସହ ଦୁର୍ବ୍ୟବହାର କରିବା ଦ୍ୱାରା ସେଲଫ ୱର୍ଥ, ବା ଆତ୍ମସମ୍ମାନ ମଧ୍ୟ ହାନି ହୋଇଥାଏ। ଏହା ଯୋଗୁଁ ନିଜ ଭିତରେ ଲଜ୍ଜ୍ୟାବୋଧ, ଅପରାଧି ଭାବନା ଓ ଆତ୍ମ ସନ୍ଦେହର ଭାବନା ଅନୁଭୂତ ହୋଇଥାଏ। ଟକ୍ସିକ ବିହେଭିୟର ଯୋଗୁଁ ନିଜ ଭିତରେ ଅଧିକ ଦିନ ପର୍ଯ୍ୟନ୍ତ ନିଜ ଭିତରେ ଏକ ନିରାଶାବୋଧ ମଧ୍ୟ ଅନୁଭୂତ ହୋଇଥାଏ। ଟକ୍ସିକ ବିହେଭିୟର ପ୍ରଦର୍ଶନ କରୁଥିବା ବ୍ୟକ୍ତିଙ୍କ ସହିତ କେହି ମିଶିବାକୁ ପସନ୍ଦ କରନ୍ତି ନାହିଁ। ତେଣୁ ସେମାନେ ଧୀରେ ଧୀରେ ଏକୁଟିଆ ହୋଇଯାନ୍ତି, ଯାହାଦ୍ୱାରା ସେମାନେ ଅବସାଦଗ୍ରସ୍ତ ହୋଇ ଆତ୍ମହତ୍ୟା କରିବାକୁ ମଧ୍ୟ ପଛାଇ ନଥାନ୍ତି। ଟକ୍ସିକ ବିହେଭିୟରର କୌଣସି ଲକ୍ଷଣ ଜଣାପଡୁ ନଥିଲେ ଅନ୍ୟମାନଙ୍କ ସହିତ କିଭଳି ବ୍ୟବହାରକୁ ଟକ୍ସିକ କୁହାଯାଏ ତାହାର କିଛି ନିର୍ଦ୍ଦିଷ୍ଟ ତଥ୍ୟ ରହିଛି। ଯଥା ଅନ୍ୟ କାହାର ବ୍ୟବହାର, ବିଚାର ଓ ଭାବନା ସହିତ ଖେଳିବା କିମ୍ୱା ନିଜର କର୍ତ୍ତୃତ୍ୱ ଜାହିର କରିବା, ନିଜ ତ୍ରୁଟି ପାଇଁ ସବୁବେଳେ ଅନ୍ୟମାନଙ୍କୁ ଦୋଷ ଦେବା, ନିଜର ଭୁଲ ମାନିବାକୁ ସବୁବେଳେ ମନା କରିବା, ନିଜର କାମ ପାଇଁ ଅନ୍ୟମାନଙ୍କ ଉପରେ ଲଦି ଦେବା, ଅନ୍ୟ ସହିତ ଛଳକପଟ କରିବା, ଅନ୍ୟମାନଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ ନକରିବା, ଅନ୍ୟର ଭାବନାକୁ ଆଘାତ କରିବା, ଅନ୍ୟମାନଙ୍କ ପ୍ରତି ଗାଳି ବା ଅପଶବ୍ଦ ବ୍ୟବହାର କରିବା କିମ୍ୱା ହାଥ ଉଠାଇବା ଇତ୍ୟାଦି ଟକ୍ସିକ ବିହେଭିୟର ଅନ୍ତର୍ଗତ। ତେଣୁ ଏଭଳି ଦୁର୍ବ୍ୟବହାର କରିବାର ମନୋବୃତ୍ତିକୁ ପରିବର୍ତ୍ତନ କରିବା ନିତାନ୍ତ ଆବଶ୍ୟକ। କାରଣ ଏହା ଏକ ସୁସ୍ଥ ସମାଜ ଗଠନରେ ସହାୟକ ହୋଇପାରିବ। ଏ କ୍ଷେତ୍ରରେ ଲୋକଟିର ପାଖ ଲୋକମାନଙ୍କର ଗୁରୁଦାୟିତ୍ୱ ରହିଛି। ସେମାନେ ସବୁବେଳେ ପୀଡ଼ିତ ଜଣଙ୍କ ପ୍ରତି ବିରକ୍ତିକର ବ୍ୟବହାର ନଦେଖାଇ ଉତ୍ତମ ବ୍ୟବହାର ସହ ତାଙ୍କ ପାଇଁ ଏକ ଭଲ ରୁଟିନ ଜୀବନ ତିଆରି କରନ୍ତୁ। ତାଙ୍କ ଖାଇବା, ବିଶ୍ରାମ ଓ କର୍ମବ୍ୟସ୍ତତା ସମ୍ପର୍କରେ ମଧ୍ୟ ସଚେତନ ରୁହନ୍ତୁ। ଅଧିକ କୌଣସି ସମସ୍ୟା ଦେଖାଗଲେ ବା ପରିସ୍ଥିତି ଜଟିଳ ଅନୁଭବ କଲେ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

*ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩*

# ଇଶ୍ୱର ଆଲ୍ଲା ତେରେ ନାମ୍


ପ୍ରଦୀପ୍ତ କୁମାର ଜେନା

'ରଘୁପତି ରାଘବ ରାଜାରାମ ପତିତ ପବନ ସୀତାରାମ' ଭଜନଟି ପ୍ରଭୁ ମର୍ଯ୍ୟାଦାପୁରୁଷ ରାମଚନ୍ଦ୍ରଙ୍କ ଉଦେଶ୍ୟରେ ରଚନା କରାଯାଇଛି । ଏହି ଭଜନଟି ଗାନ କଲେ ମନରେ ପ୍ରଭୁଙ୍କ ପ୍ରତି ସ୍ୱତଃ ଭକ୍ତି ଭାବନା ଆସିଥାଏ । ଏହାକୁ ରାମଧୁନ୍ କୁହାଯାଏ । ଏହି ମୂଳ ଲେଖାକୁ ଧର୍ମ ନିରପେକ୍ଷ ରଙ୍ଗ ଦେବାକୁ ଯାଇ ଜାତିର ପିତା ମହାତ୍ମା ଗାନ୍ଧୀ 'ଇଶ୍ୱର ଆଲ୍ଲା ତେରେ ନାମ୍ ସବ୍‌କୋ ସନ୍‌ମତି ଦେ ଭଗବାନ' ପଂକ୍ତିଟି ଯୋଡି ଉଭୟ ସମ୍ପ୍ରଦାୟ ଭିତରେ ଭାଇଚାରା ସୃଷ୍ଟି ପାଇଁ ପ୍ରୟାସ କରିଥିଲେ କି ହିନ୍ଦୁ ମାନଙ୍କ ପ୍ରିୟ ଭଜନରେ ଆଲ୍ଲା ଶବ୍ଦ ଯୋଡି ନିଜକୁ ମୁସଲିମ୍ ମାନଙ୍କ ଶୁଭାକାଂକ୍ଷୀ ବୋଲି ନିଜକୁ ପ୍ରମାଣ କରୁଥିଲେ, ତାହା ଆଲୋଚନାର ବିଷୟ । ଗାନ୍ଧୀ ପ୍ରତ୍ୟେକ ସନ୍ଧ୍ୟା ପ୍ରର୍ଥନାରେ ଏହି ଭଜନ ବୋଲୁଥିଲେ ଓ ଏହା ତାଙ୍କର ଅତି ପ୍ରିୟ ଭଜନ ଥିବା ସମସ୍ତେ ଜାଣିଛନ୍ତି । ଗାନ୍ଧିଜୀଙ୍କ ମତରେ ଇଶ୍ୱର ଆଉ ଆଲ୍ଲା ସମାନ । ଯେ ଇଶ୍ୱର ସେ ହିଁ ଆଲ୍ଲା । ଗାନ୍ଧିଜୀ କ'ଣ ବାସ୍ତବରେ ଏହି କଥା ଅନୁଭବ କରିଥିଲେ ନା କୌଣସି ଏକ ନିର୍ଦ୍ଦିଷ୍ଟ ଗୋଷ୍ଠିକୁ ସନ୍ତୁଷ୍ଟ କରିବାକୁ କହୁଥିଲେ, ତାହା ଜଣା ପଡୁନି । ସନାତନ ସଂସ୍କୃତି, ହିନ୍ଦୁ ଧର୍ମରେ ଇଶ୍ୱର ସାକାର ଓ ନିରାକାର । ଭଗବଦ୍ ଗୀତାରେ ଉଲ୍ଲେଖ ଅଛି- ଧର୍ମ ସଂସ୍ଥାପନ ପାଇଁ ଓ ଅଧର୍ମର ବିନାଶ କରିବା ପାଇଁ ଭଗବାନ୍ ଯୁଗେ ଯୁଗେ ଭିଭିନ୍ନ ରୂପରେ ଅବତାର ଗ୍ରହଣ କରନ୍ତି, ହେଲେ ଆଲ୍ଲା ଅବତାର ଗ୍ରହଣ କରିବା କଥାକୁ ଇସଲାମ ଧର୍ମରେ ବିଶ୍ୱାସ କରନ୍ତି ନାହିଁ ଓ ସେମାନଙ୍କ ମତରେ Allha is the suprem god।

ପ୍ରତ୍ୟେକ ଜୀବ ଇଶ୍ୱରଙ୍କ ଅଂଶ ଓ ପ୍ରତ୍ୟେକ ଜୀବ ଭିତରେ ଇଶ୍ୱର ଆତ୍ମା ଓ ପରମାତ୍ମା ରୂପରେ ବିଦ୍ୟମାନ । ଏପରିକି ଜଡ଼ ଭିତରେ ଭଗବାନଙ୍କ ସ ାକୁ ଅନୁଭବ କରାଯାଏ । ପ୍ରତ୍ୟେକ ଜୀବ ଭିତରେ ଭଗବାନ ଆତ୍ମା ଓ ପରମାତ୍ମା ରୂପରେ ଅବସ୍ଥାନ କରୁଥିବାରୁ ଜୀବ ହତ୍ୟା ମହାପାପ ବୋଲି ସନାତନୀ ହିନ୍ଦୁ ମାନଙ୍କ ବିଶ୍ୱାସ । ଗୀତା ଭାଗବତ ଆଦି ଶାସ୍ତ୍ରରେ ଜୀବେ ଦୟା କଥା ଉଲ୍ଲେଖ ଅଛି, ହେଲେ ଆଲ୍ଲାଙ୍କୁ ବିଶ୍ୱାସ କରୁଥିବା ଲୋକମାନେ ଜୀବ ହତ୍ୟାକୁ ଆଲ୍ଲାଙ୍କ ନିର୍ଦ୍ଦେଶ ବୋଲି ମାନି ନେଇଥା'ନ୍ତି । ଇସଲାମକୁ ମାନୁଥିବା ବ୍ୟକ୍ତି ମାନେ ମୂ ି ପୂଜାକୁ ବିଶ୍ୱାସ କରନ୍ତି ନାହିଁ । ଆଲ୍ଲା କେବେ କାଠ ଓ ପଥର ମୂ ିରେ ନଥା'ନ୍ତି । ସେ ନିର୍ଗୁଣ ଓ ନିରାକାର । ତାଙ୍କର ଆକାର ନାହିଁ, ହେଲେ ଇଶ୍ୱରଙ୍କୁ ବିଶ୍ୱାସ କରୁଥିବା ବ୍ୟକ୍ତି ମୂ ି ପୂଜାକୁ ବିଶ୍ୱାସ କରନ୍ତି ଓ ସେମାନଙ୍କ ମତରେ ଇଶ୍ୱର ସର୍ବବ୍ୟାପୀ ଓ ସର୍ବତ୍ର ବିଦ୍ୟମାନ । ପ୍ରହଲ୍ଲାଦଙ୍କ ଭକ୍ତି ବଳରେ ପ୍ରଭୁ ନରସିଂହ ଖମ୍ବରୁ ପ୍ରକଟ ହୋଇ ହିରଣ୍ୟ କଶ୍ୟପକୁ ବିଦାରଣ କରିଥିଲେ । ଇଶ୍ୱର ବଡ ଦୟାଳୁ । ତାଙ୍କୁ ପୂଜା କରୁନଥିବା ବା ତାଙ୍କୁ ବିଶ୍ୱାସ କରୁନଥିବା ଲୋକଙ୍କୁ ସେ ମୁକ୍ତି ଦେଇଥା'ନ୍ତି । ଯେଉଁ ବ୍ୟକ୍ତି ପ୍ରୟାଣ କାଳରେ ଥରେ ତାଙ୍କ ନାମ ଉଚ୍ଚାରଣ କରେ ସେ ମହାପାପୀ ହେଲେବି ଇଶ୍ୱର ତାଙ୍କୁ ମୁକ୍ତି ଦେଇଥା'ନ୍ତି । ମହାପାପୀ ଅଜାମିଳ ଶେଷ ସମୟରେ ତାଙ୍କ ପୁତ୍ର ନାରାୟଣଙ୍କ ନାମ ଧରିବାରୁ ତାଙ୍କୁ ମୁକ୍ତି ମିଳିଥିଲା ବୋଲି କୁହାଯାଏ । ଇଶ୍ୱର ଯଦି ଆଲ୍ଲା ତାହେଲେ ସେ ସେହି ସମାନ ଆଚରଣ କରିବା କଥା । ଆଲ୍‌ହା କିନ୍ତୁ ଭିନ୍ନ । ଏ କଥା ତାଙ୍କର ଭକ୍ତମାନେ କହନ୍ତି ଇଶ୍ୱର ଅଲ୍ଲା ନୁହନ୍ତି । ଯେଉଁମାନେ ଆଲ୍ଲାଙ୍କୁ ବିଶ୍ୱାସ କରନ୍ତି ନାହିଁ, ଇଶ୍ୱରଙ୍କୁ ବିଶ୍ୱାସ କରନ୍ତି ସେମାନେ କାଫେର, ସେମାନଙ୍କର ବ ୍ବାର ଅଧିକାର ନାହିଁ । ଅର୍ଥାତ ଇଶ୍ୱରଙ୍କୁ ବିଶ୍ୱାସ କରିବା ଲୋକଙ୍କର ବ ୍ବାର ଅଧିକାର ନାହିଁ । ଏଥିରୁ ଜଣା ପଡୁଛି ଇଶ୍ୱର ଓ ଆଲ୍ଲା ଏକ ନୁହଁନ୍ତି । ସନାତନୀ ଅଣ ମୁସଲିମ ଲୋକମାନେ ଇଶ୍ୱରଙ୍କୁ ପୂଜା କରନ୍ତି ଓ ମୁସଲିମ ଲୋକମାନେ ଆଲ୍ଲାଙ୍କୁ ପୂଜା କରନ୍ତି । ଇଶ୍ୱର ବା ଭଗବାନ କୃଷ୍ଣ ଅବତାରରେ ସ୍ୱୟଂ ଗୋ-ରକ୍ଷା କରୁଥିଲେ ଓ ଗୋ-ମାତାଙ୍କୁ ପୂଜା କରୁଥିଲେ, ହେଲେ ଆଲ୍ଲାଙ୍କୁ ପୂଜା କରୁଥିବା ଲୋକ ଗୋମାତାଙ୍କୁ ହତ୍ୟା କରି ତା'ର ମାଂସ ଭକ୍ଷଣ କରନ୍ତି । ଏହା କୁଆଡେ ଆଲ୍ଲାଙ୍କ ନିର୍ଦ୍ଦେଶ ବୋଲି କୁହାଯାଏ । ଇଶ୍ୱର ଗୋମାତାଙ୍କୁ ପୂଜା କରିବାକୁ କହୁଥିବା ବେଳେ ଆଲ୍ଲା ଗୋମାତାଙ୍କୁ ହତ୍ୟା କରିବାକୁ କହୁଛନ୍ତି । ତାହେଲେ ଯିଏ ଇଶ୍ୱର ସିଏ ଆଲ୍ଲା କେମିତି ହେଇପାରିବେ କୁହନ୍ତୁ ? ଇଶ୍ୱର ମଙ୍ଗଳମୟ । ଜୀବର ମଙ୍ଗଳ ପାଇଁ ସେ ସଦା ତତ୍ପର । ଗାନ୍ଧିଜୀ ବୁଝିଥିଲେ ଇଶ୍ୱର ଓ ଆଲ୍ଲା ଭିତରେ କିଛି ତଫାତ୍ ନାହିଁ ନା ମୁସଲିମ୍‌ମାନଙ୍କୁ ସନ୍ତୁଷ୍ଟ କରିବାକୁ ହିନ୍ଦୁ ଭଜନରେ ଆଲ୍ଲା ଶବ୍ଦଟିକୁ ଯୋଡ଼ି ହିନ୍ଦୁମାନଙ୍କୁ କହିବାକୁ ଚାହିଁଛନ୍ତି ଯେ ତୁମେ ଆଲ୍ଲାଙ୍କୁ ପୂଜା କଲେ କିଛି ଅସୁବିଧା ନାହିଁ । କାରଣ ଆଲ୍ଲା ଓ ଇଶ୍ୱର ଉଭୟ ସମାନ । ସେଥିପାଇଁ ସେ ଶେଷରେ କହିଥିଲେ 'ସବୋକ୍ ସନ୍‌ମତି ଦେ ଭଗବାନ' । ସମସ୍ତଙ୍କୁ ସଦବୁଦ୍ଧି ଦିଅ ଫଳରେ ଇଶ୍ୱର ଓ ଆଲ୍ଲା ଏକ ବୋଲି ସମସ୍ତେ ବିଶ୍ୱାସ କରିବେ । ଯେଉଁମାନେ ଇଶ୍ୱର ବିଶ୍ୱାସୀ ସେମାନେ ଇଶ୍ୱର ଓ ଆଲ୍ଲା ଏକ ବୋଲି ବିଶ୍ୱାସ କରନ୍ତି ସେମାନଙ୍କୁ ସଦବୁଦ୍ଧି ଦେବାର ଆବଶ୍ୟକତା ନାହିଁ । ଯେଉଁମାନେ ଆଲ୍ଲା ଓ ଇଶ୍ୱରଙ୍କ ଭିତରେ ପାର୍ଥକ୍ୟ ଦେଖନ୍ତି ଓ ଆଲ୍ଲାଙ୍କ ନାମ ନେଇ ନିରୀହ ପଶୁମାନଙ୍କୁ ଓ ମଣିଷମାନଙ୍କୁ ଅତି ବର୍ବୋରୋଚିତ ଭାବରେ ହତ୍ୟା କରନ୍ତି ସେହିମାନଙ୍କୁ ଭଗବାନ ସଦବୁଦ୍ଧି ଦିଅନ୍ତୁ । ସେମାନେ ସୁଧୁରି ଯାଆନ୍ତୁ । ଭଗବାନ ହୁଅନ୍ତୁ ବା ଆଲ୍ଲା ହୁଅନ୍ତୁ କେହି କେବେ ଜୀବର ରକ୍ତରେ ହୋଲି ଖେଳିବାକୁ କହିବେ ନାହି କି କୌଣସି ଧର୍ମଗୁରୁ ଏହା ସପକ୍ଷରେ ମତ ଦେବେନି । ଯଦି ଏହା କୌଣସି ଧର୍ମ ଗ୍ରନ୍ଥରେ ଉଲ୍ଲେଖ ଅଛି ତାହେଲେ ତାଙ୍କୁ ଧର୍ମ ଗ୍ରନ୍ଥ କୁହାଯିବନି । ଧର୍ମ ଗ୍ରନ୍ଥ ମାନବ ଜୀବନର ସମ୍ବିଧାନ । କେଉଁ କାର୍ଯ୍ୟ କରଣୀୟ ଓ କେଉଁ କାର୍ଯ୍ୟ କରଣୀୟ ନୁହେଁ ତାହା ଧର୍ମଗ୍ରନ୍ଥରେ ଉଲ୍ଲେଖ ଥାଏ । ମଣିଷକୁ ଉଚିତ ମାର୍ଗରେ ପରିଚାଳିତ ହେବା ପାଇଁ ଧର୍ମ ଗୁରୁମାନେ ଧର୍ମ ଗ୍ରନ୍ଥ ରଚନା କରିଛନ୍ତି । ଜୀବ ତଥା ସମାଜର ମଙ୍ଗଳ ପାଇଁ ଧର୍ମ ଉଦ୍ଦିଷ୍ଟ । ସନାତନ ସଂସ୍କୃତି ବା ହିନ୍ଦୁ ଧର୍ମ ବିଶ୍ୱକୁ ଏକ କୁଟୁମ୍ବ ବୋଲି ବିଚାର କରିଥାଏ ଓ ସମସ୍ତ ପ୍ରାଣୀ ମାନଙ୍କ ମଙ୍ଗଳ କାମନା କରିଥାଏ । ଆଜି କିଛି ନିଜକୁ ଧାର୍ମିକ ସଂସ୍ଥା ବୋଲାଉଥିବା ସଂଗଠନ ବିଶ୍ୱରେ ଆତଙ୍କ ଖେଳାଇ ଇସ୍‌ଲାମୀକରଣ କରିବାକୁ ପ୍ରୟାସ ଜାରି ରଖିଛନ୍ତି । ସେଥିପାଇଁ ଧର୍ମ ନାମରେ ଅଧର୍ମ କାର୍ଯ୍ୟରେ ଲିପ୍ତ ହୋଇ ନିରୀହ ଲୋକଙ୍କ ରକ୍ତରେ ହୋଲି ଖେଳୁଛନ୍ତି । ସେହି ବିଧର୍ମୀ ରାକ୍ଷସମାନଙ୍କୁ ବିନାଶ କରିବା ପାଇଁ ଇଶ୍ୱର ନିଶ୍ଚିତ ମାର୍ଗ ଦର୍ଶନ କରିବେ ଓ ଅଧର୍ମର ବିନାଶ ହେବ । ଲୋକମାନେ ସନାତନ ସଂସ୍କୃତିର ଆଦର୍ଶ ଓ ମହନୀୟତା ବୁଝିବାକୁ ଆରମ୍ଭ କଲେଣି । ଆସ୍ତେ ଆସ୍ତେ ଭିଭିନ୍ନ ଧର୍ମରେ ବିଶ୍ୱାସ କରୁଥିବା ଲୋକ ନିଜ ନିଜ ଧର୍ମ ପରିବ ିନ କରି ଏହି ଶାଶ୍ୱତ ସନାତନ ଧର୍ମକୁ ଆପଣାଇବାକୁ ଲାଗିଲେଣି । ସନାତନ ଧର୍ମର ସ୍ରଷ୍ଟା ସ୍ୱୟଂ ଭଗବାନ । ସୃଷ୍ଟି ଆରମ୍ଭରୁ ଏହି ଧର୍ମ ରହିଛି । ଏହା ଶାଶ୍ୱତ ଓ ସନାତନ । ଏହା ଥିଲା ଅଛି ଓ ରହିବ । କଳିଯୁଗରେ କଳିର ପ୍ରଭାବରେ ଅନେକ ବିଧର୍ମୀ ସୃଷ୍ଟି ହୋଇ ମୌଳିକ ଧର୍ମକୁ ନଷ୍ଟ କରିବାକୁ ଆଗେଇଆସିବେ, କିନ୍ତୁ ସଫଳ ହେଇପାରିବେନି । ଭଗବାନ ସ୍ୱୟଂ ସନାତନ ଧର୍ମକୁ ରକ୍ଷା କରିବା ପାଇଁ ପ୍ରକଟ ହେବେ ।

# ପରଦାରେ ମା'ଆ


ନାଟ୍ୟସାରଥି ଅଭୟ କୁମାର ଦାସ

ନାରୀ ସୃଷ୍ଟି ସର୍ଜନା କରିପାରେ, ନାରୀ ବିନାଶ ବି କରିପାରେ । ସେଥିପାଇଁ କୁହାଯାଏ ସର୍ଜନା ପାଇଁ ସମର୍ପିତ....... । ତେଲଲୁଣର ସଂସାର ଭିତରେ ସବୁ ସହି ସମସ୍ତଙ୍କ ପ୍ରତି ନିଜ ଦାୟିତ୍ୱ ନିର୍ବାହ କରୁଥିବା ସେହି ମା'ଆଟି ନିଜ ଦାୟିତ୍ୱବୋଧ ଓ ଦୁଷ୍ଟ ଶକ୍ତିଙ୍କ ପାଇଁ ବିନାଶକାରୀ ଭାବରେ ସେ ତା'ର ଭୂମିକାକୁ ନିର୍ବାହ ପାଇଁ ଭୁଲିନଥାଏ । ନାରୀ କୈନ୍ଦ୍ରିକ ସିନେମା ଭିତରେ ମା'ଆଙ୍କ ଭୂମିକାକୁ ନେଇ ଓଡ଼ିଆ ଚଳଚ୍ଚିତ୍ର ସମ୍ପର୍କରେ । ବ୍ରାହ୍ମଣ କୂଳରେ ଜନ୍ମ ହୋଇଥିବା ଝିଅଟିର ନାଁ ଥିଲା ସତୀ । ଜନୈକ ବ୍ରାହ୍ମଣ ନନାଙ୍କୁ ଭଲ ପାଇଥିଲେ ବି ବାପାଙ୍କ ପ୍ରସ୍ତାବରେ ଦୋବେଇ ବରକୁ ବିବାହ କରନ୍ତି । ବିବାହ ପରେ ନିଜ ପୁରୁଣା ସ୍ମୃତିକୁ ଭୁଲି ସାରିଥିଲେ ବି ଏକ କାଳର ଝଡ଼ରାତ୍ରିରେ ସ୍ୱାମୀଙ୍କ ଠାରୁ ଅଲଗା ହୋଇ ନିଜ ରାସ୍ତାର ଠିକଣା ଖୋଜି ବୁଲୁଥିଲାବେଳେ ଦେଖା ହୁଅନ୍ତି ନିଜର ପୂର୍ବତନ ପ୍ରେମିକ ନାଥ ନନା ସହ । ଗାଁକୁ ଫେରିବା ପରେ ବ୍ରାହ୍ମଣ ଝିଅ ସତୀର ଚରିତ୍ରକୁ ନେଇ ନାନା କଥା ଉଠେ । ଶେଷରେ ଲୋକକଥାକୁ ସହି ନପାରି ନଦୀ ଗର୍ଭର ଜଳରାଶିରେ ଝାସ ଦିଏ । ୧୯୬୩ ମସିହାରେ ଏହି କାହାଣୀକୁ ନେଇ ତିଆରି ହୋଇଥିଲା ଚଳଚ୍ଚିତ୍ର 'ମଲା ଜହ୍ନ' । ସତୀ ଭୂମିକାରେ ଚଳଚ୍ଚିତ୍ରର ନାୟିକା ଭାବରେ ଝରଣା ଦାସଙ୍କ ଭୂମିକା ବର୍ତ୍ତମାନ ସୁଦ୍ଧା ଦର୍ଶକଙ୍କ ସ୍ମୃତିରେ ରହିଛି।

ପତିବ୍ରତା ନାରୀ ସାମ୍ନାରେ ସ୍ୱୟଂ ଜମରାଜ ମଥାନତ କରିଛନ୍ତି । ୧୯୮୩ରେ ଝରଣା ଦାସଙ୍କ ଚମତ୍କାର ଅଭିନୟରେ ଚଳଚ୍ଚିତ୍ର ଥିଲା 'ମହାସତୀ ସାବିତ୍ରୀ' । ଇନ୍ଦୁ ଫିଲ୍ମ ବ୍ୟାନରରେ ସୋନା ମୁଖାର୍ଜୀଙ୍କ ନିର୍ଦ୍ଦେଶନାରେ ଏହି ଚଳଚ୍ଚିତ୍ରଟି ପୌରାଣିକ କାହାଣୀରେ ନାରୀ ଚରିତ୍ରକୁ ଗୁରୁତ୍ୱ ଦେଇ ଦର୍ଶକଙ୍କ ଲୋକପ୍ରିୟତା ହାସଲ କରିପାରିଥିଲା । ୧୯୭୮ରେ ପଦ୍ମପୁରାଣର ସ୍ୱର୍ଗଖଣ୍ଡର କାହାଣୀକୁ ନେଇ ନିର୍ମିତ ହୋଇଥିଲା 'ସତୀ ଅନୁସୟା' । ପୁରାଣର କାହାଣୀ ଅନୁଯାୟୀ ସତୀ ଅନୁସୟା ପତି ଭକ୍ତିର ପରୀକ୍ଷା ଦେଇଥିଲେ । ପ୍ରଫୁଲ୍ଲକରଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ଏହା ଅତ୍ୟନ୍ତ ଲୋକପ୍ରିୟର ମାନ୍ୟତା ପାଇଥିଲା । ଅକ୍ଷୟ ମହାନ୍ତିଙ୍କ ନିର୍ଦ୍ଦେଶନା ଓ ବାସୁଦେବ ରଥଙ୍କ ସଙ୍ଗୀତ ସଂଯୋଜନାରେ ମା'ଦୁର୍ଗାଙ୍କ ପୃଥିବୀ ପୃଷ୍ଠରେ ଶାନ୍ତି ପ୍ରତିଷ୍ଠାର କାହାଣୀକୁ ନେଇ ଲୋକପ୍ରିୟ ଚଳଚ୍ଚିତ୍ରଟି ଥିଲା 'ଜୟମା' ମଙ୍ଗଳା' । କେବଳ ସେତିକି ନୁହେଁ ପାପୀ ମାନଙ୍କର ବିନାଶ ପାଇଁ ସଂହାର ରୂପରେ ଭିନ୍ନ ଭୂମିକାରେ ଦାୟିତ୍ୱ ନିର୍ବାହ କରି ସନ୍ତାନର ମା'ଆ ପ୍ରତି କର୍ତ୍ତବ୍ୟର କାହାଣୀକୁ ନେଇ ରୂପାୟିତ ହୋଇଥିବା ଚଳଚ୍ଚିତ୍ରଟି ଥିଲା 'ମମତାର ଡୋରି' । ଦୁର୍ଗା ରୂପରେ ତନ୍ଦ୍ରାରାୟଙ୍କ ଭୂମିକା ଏଯାବତ୍ ଦର୍ଶକଙ୍କ ସ୍ମୃତିରେ ରହିଛି । ପ୍ରଶାନ୍ତ ନନ୍ଦଙ୍କ ନିର୍ଦ୍ଦେଶନାରେ ଲୋକପ୍ରିୟ ଅଭିନେତ୍ରୀ ମହାଶ୍ୱେତା ରାୟ ଦୁର୍ଗା ରୂପରେ ରୂପାୟିତ ହୋଇ ପରିବାରକୁ ରକ୍ଷା କରିବା ପାଇଁ ନିଜର ମହନୀୟତାକୁ ପ୍ରତିପାଦିତ କରିପାରିଥିଲେ । ଏହି ଚଳଚ୍ଚିତ୍ରଟି ବେଶ୍ ଲୋକପ୍ରିୟତା ହାସଲ କରିପାରିଥିଲା । ସେହିପରି 'ନାଗପ ମୀ' ଚଳଚ୍ଚିତ୍ରରେ ମା'ନାଗ ଦେବୀଙ୍କ ଭୂମିକାରେ ଭଉଣୀଟି ମୃତ୍ୟୁବରଣ କରିଥିଲେ ବି ଭଉଣୀର ଛିଅଟି ବଞ୍ଚି ପରବର୍ତ୍ତୀ ସମୟରେ ମା'ଆଙ୍କ ଆଶୀର୍ବାଦ ପ୍ରାପ୍ତ କରି ଅନ୍ୟାୟ ବିରୋଦ୍ଧରେ ଲଢ଼ି ବିଜୟୀ ହୋଇଛି । ଚୁଲୁବୁଲି ଗାଁ ଝିଅ ସୀତା ସଂସାରର ଡଙ୍ଗା ବାହିଲା ଭିତରେ ଖଳନାୟକର ଷଡ଼ଯନ୍ତ୍ରରେ ସ୍ୱାମୀକୁ ହରାଇଥାଏ । ଅପରାଜିତାଙ୍କ ଲିଡ୍ ରୋଲ୍‌ରେ ତିଆରି ହୋଇଥିବା ଏହି 'ଉଦଣ୍ଡୀ ସୀତା' ଚଳଚ୍ଚିତ୍ରଟି ବେଶ୍ ପ୍ରଶଂସା ପାଇପାରିଥିଲା । ଏକଦା ପ୍ରବଳ ଭିଡ଼ ହେଉଥିବା କେନ୍ଦ୍ରାପଡ଼ା ସନ୍ନିକଟ 'ମା ଗୋଜବାୟାଣୀ'ଙ୍କ ଅପୂର୍ବ ଲୀଳାକୁ ନେଇ ଭକ୍ତି ଭାବନାରେ ତିଆରି ହୋଇଥିବା ଚଳଚ୍ଚିତ୍ରଟି ଥିଲା 'ମା ଗୋଜବାୟାଣୀ' । ଲୋକପ୍ରିୟ ଅଭିନେତ୍ରୀ ଅନୁ ଚୌଧୁରୀ ବ୍ରାହ୍ମଣ ଘରର ଝିଅ ଭୂମିକା ନିଜ ପ୍ରଥମ ଚଳଚ୍ଚିତ୍ର ହୋଇଥିଲେ ବି ବେଶ୍ ପ୍ରଭାବଶାଳୀ ଭୂମିକାରେ ପରଦାକୁ ଆସିଥିଲେ । ବଙ୍ଗୀର ଅଭିନେତ୍ରୀ ରଚନା ବାନାର୍ଜୀଙ୍କ 'ନାରୀ ବି ପିନ୍ଧିପାରେ ରକ୍ତସିନ୍ଦୂର' ଚଳଚ୍ଚିତ୍ରରେ ମାଙ୍କ ଶ୍ରେଷ୍ଠତା ଓ ଭକ୍ତଜନଙ୍କୁ ଆଶୀର୍ବାଦର କାହାଣୀ ଦେଖିବାକୁ ମିଳିଛି । ବଙ୍ଗୀୟ ନାୟିକା ଅନୁଶ୍ରୀଙ୍କୁ ନେଇ ଚଳଚ୍ଚିତ୍ର 'ସିଂହବାହିନୀ'ରେ ନାରୀର ଭିନ୍ନ ଭିନ୍ନ ରୂପ ପ୍ରତିପାଦିତ ହୋଇଛି । ଘରର ଚାରିକାନ୍ଥର କାହାଣୀ ଭିତରେ ସାଧାରଣ ଜୀବନକୁ ନେଇ ପ୍ରଭାବଶାଳୀ ଭୂମିକାରେ ରଚନା ବାନାର୍ଜୀଙ୍କ ଅଭିନୀତ 'ନାରୀ ନୁହେଁ ତୁ ନାରାୟଣୀ' ଦର୍ଶକଙ୍କ ଭିତରେ ଶିହରଣ ସୃଷ୍ଟି କରିପାରିଥିଲା । ପରବର୍ତ୍ତୀ ସମୟରେ ଏହିପରି ନାରୀ ମନର ପ୍ରତିଶୋଧାତ୍ମକ ନିଆଁର କାହାଣୀ ପ୍ରତିପାଦିତ ହୋଇଥିଲା । 'ନାରୀ ଆଖିରେ ନିଆଁ' ଚଳଚ୍ଚିତ୍ରରେ । ନାରୀ ଜୀବନର ସଂଘର୍ଷମୟ କାହାଣୀକୁ ନେଇ ବିଜୟ ମିଶ୍ରଙ୍କ ପ୍ରଯୋଜନାରେ ବଲିଉଡ଼ର ଦିପ୍ତୀନାଭାଲଙ୍କ ଅଭିନୀତ 'ଏଇ ସଂଘର୍ଷ' ଚଳଚ୍ଚିତ୍ର ଦର୍ଶକଙ୍କୁ ସିନେମା ହଲ୍‌କୁ ଟାଣି ପାରିଥିଲା । ଏହାବ୍ୟତୀତ ନାରୀ ଭୂମିକାକୁ ପ୍ରାଧାନ୍ୟ ଦିଆଯାଇ ଜଗଜ୍ଜନନୀ ମା'ଦୁର୍ଗାଙ୍କ ସ୍ୱରୂପର ଭିନ୍ନ କାହାଣୀକୁ ନେଇ ଦେଖିବାକୁ ମିଳିଥିବା ଚଳଚ୍ଚିତ୍ର ଗୁଡ଼କ ଥିଲା 'ବଧୂ ନିରୁପମା', 'ମାତୃଶକ୍ତି', 'ଲାଲପାନ ବିବି', 'ଶାସ୍ତି' ଓ 'ଦେ ମା ଶକ୍ତି ଦେ' ପ୍ରମୁଖ । ପରଦାରେ ନାରୀ ଶକ୍ତି ସର୍ବୋପରି ନାରୀର ଅଧିକାର ସମ୍ପର୍କିତ କାହାଣୀ ଜନମାନସରେ ଦର୍ଶକଙ୍କ ଚିନ୍ତା ଚେତନାକୁ ପ୍ରଭାବିତ କରିବାରେ ସମର୍ଥ ହୋଇଛି ।

ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭

# ଶ୍ରାଦ୍ଧ : ଜୀବନ ପାଇଁ ଯଜ୍ଞ


ଡ଼ଃ.ଅରୁନ୍ଧତୀ ଦେବୀ

ଶ୍ରାଦ୍ଧର ଅର୍ଥ କେବଳ ଶ୍ରଦ୍ଧା ନୁହେଁ, ବିଶ୍ୱାସ ମଧ୍ୟ । ଏହି ଶ୍ରଦ୍ଧା ଏବଂ ବିଶ୍ୱାସ ପ୍ରକୃତି, ପରିବେଶ ଏବଂ ପର୍ଯ୍ୟାବରଣ କାହାପ୍ରତି ମଧ୍ୟ ହୋଇପାରେ । ଏହା ଶ୍ରଦ୍ଧାର ବୃହତ୍ତର ଦର୍ଶନ । ଏହି ଦର୍ଶନ ହେଉଛି – ସର୍ବେ ଭବନ୍ତୁ ସୁଖୀନଃ, ସର୍ବେ ସନ୍ତୁ ନିରାମୟର । କିନ୍ତୁ ସମସ୍ତେ ସୁଖୀ ସେତେବେଳେ ହେବେ, ଯେତେବେଳେ ଆମେ ଶ୍ରଦ୍ଧାକୁ ଜୀବନର ଯଜ୍ଞ ଭାବରେ ଗ୍ରହଣ କରିନେବା । ଏଥିପାଇଁ ପୂର୍ବ ପୁରୁଷଙ୍କ ଭାବନାକୁ ମଧ୍ୟ ସମ୍ମାନ କରିବା ଜରୁରୀ । ପିତୃପକ୍ଷ ଏପରି ଏକ ପର୍ବ ଯାହା ଆମର ସଂରକ୍ଷଣ କରୁଥିବା ପ୍ରତ୍ୟେକଙ୍କ ପ୍ରତି ଶ୍ରଦ୍ଧାଭାବ ସୃଷ୍ଟି କରେ । କିନ୍ତୁ ପରମ୍ପରା କ୍ରମଶଃ ସଙ୍କୁଚିତ ହେବା ଯୋଗୁଁ ଆମେ ଧରି ନେଇଛୁ କେବଳ ପୂର୍ବଜମାନେ ହିଁ ଶ୍ରଦ୍ଧାର ପାତ୍ର । ଶ୍ରଦ୍ଧା ଶବ୍ଦ ସଂସାର ପରି ବ୍ୟାପକ । ଯଦି ସଂସାର ପ୍ରତି ଶ୍ରଦ୍ଧା ନରହେ, ତାହେଲେ ଜୀବନ ପ୍ରତି କେମିତି ରହିବ । ଶ୍ରଦ୍ଧୟା ଦିୟତେ ଯତ୍ ତତ୍ ଶ୍ରାଦ୍ଧ ଅର୍ଥାତ୍ ଶ୍ରାଦ୍ଧରେ ଯାହା ଦିଆଯାଏ ତାହା ଶ୍ରାଦ୍ଧ । ବେଦରେ ଶ୍ରାଦ୍ଧ ବିଷୟରେ ଦେଢ଼ହଜାର ମନ୍ତ୍ର ରହିଛି । ପୁରାଣ, ସ୍ମୃତି ଏବଂ ଅନ୍ୟ ପ୍ରାଚୀନ ଗ୍ରନ୍ଥରେ ଶ୍ରାଦ୍ଧକୁ ଜନାଗତ କୁହାଯାଇଛି । ଏହା କନ୍ୟାର୍କଗତ ଶବ୍ଦର ଅପଭ୍ରଂଶ । ଏହାର ଅର୍ଥ ସୂର୍ଯ୍ୟ (ଅର୍କ) କନ୍ୟା ରାଶିକୁ ଯିବା । ପିତୃପକ୍ଷରେ ସୂର୍ଯ୍ୟକନ୍ୟା ରାଶିରେ ଥାଆନ୍ତି । ଶ୍ରାଦ୍ଧରେ ପ୍ରକୃତିର ସଂରକ୍ଷଣ ଅଛି । ଅନ୍ୟ ପକ୍ଷୀମାନଙ୍କ ତୁଳନାରେ କାଉକୁ ନିମ୍ନ ମନେ କରାଯାଏ । କିନ୍ତୁ ପିତୃପକ୍ଷରେ ଦହିରେ ବୁଡ଼ାଇ ପୁରି ସର୍ବ ପ୍ରଥମେ କାଉ ଉଦ୍ଦେଶ୍ୟରେ ଦିଆଯାଏ । କାଉ ଏବଂ ଅଶ୍ୱତ୍‌ଥ ଗଛ ପିତୃପୁରୁଷଙ୍କ ପ୍ରତିକ । ପିତୃପକ୍ଷର ୧୬ ଦିନରେ କାଉକୁ ଖାଦ୍ୟ ଏବଂ ଆଶ୍ୱତ୍‌ଥ ଗଛରେ ଜଳ ପ୍ରଦାନ କରାଯାଇ ପିତୃପୁରୁଷଙ୍କୁ ତୃପ୍ତ କରାଯାଏ । ଶ୍ରାଦ୍ଧ ପିତୃପୁରୁଷଙ୍କ ପ୍ରତି ଆମ ଶ୍ରଦ୍ଧାର ପ୍ରତୀକ । ଯଦି ଆମେ ପରଲୋକରେ ଥିବା ପୂର୍ବଜମାନଙ୍କ ପ୍ରତି ଏତେ ଶ୍ରଦ୍ଧା ବ୍ୟକ୍ତ କରୁଛୁ, ତାହେଲେ ଜୀବିତ ବୟସ୍କ ପିତାମାତା, ଜେଜେବାପା – ଜେଜେମାଆ, ଅଜା-ଆଇ ଆଦି ଆହୁରି ଅଧିକ ଶ୍ରଦ୍ଧାର ପାତ୍ର । ଜୀବିତା ଅବସ୍ଥାରେ ସେମାନେ ଆମର ଶ୍ରଦ୍ଧାର ଅଭାବରେ ଯନ୍ତ୍ରଣା ପାଇବା ଏବଂ ମୃତ୍ୟୁପରେ ସେମାନଙ୍କ ପାଇଁ ଶ୍ରାଦ୍ଧ ଅର୍ପଣ କରିବାର କୌଣସି ଯଥାର୍ଥତା ନାହିଁ । ତେଣୁ ଶ୍ରଦ୍ଧା ସବୁ ବୟସ୍କ ପ୍ରତି ରହିବା ଆବଶ୍ୟକ ସେ ଜୀବିତ ହୁଅନ୍ତୁ ବା ମୃତ ।

ସାଧାରଣତଃ ଲୋକେ ଭାବନ୍ତି, ଆମେ ଜୀବନରେ କାହାର କ୍ଷତି କରିନୁ ତେଣୁ ଆମର କ୍ଷତି କାହିଁକି ହେଉଛି ? ଗ୍ରହମାନଙ୍କ ପ୍ରଭାବ ଅନୁକୂଳ, ରାଜଯୋଗ ରହିଛି, ତଥାପି ବ୍ୟକ୍ତି ଅଭିଶପ୍ତ ଜୀବନ କାହିଁକି ଜୀଉଁଛି । ପ୍ରକୃତରେ କେବେକେବେ ପୂର୍ବଜଙ୍କ କର୍ମଦୋଷ ବ୍ୟକ୍ତି ପାଇଁ ଅଭିଶାପ ହୋଇଯାଏ । ଆଉ କେତେକ ସ୍ଥାନରେ ବ୍ୟକ୍ତି ପ୍ରତ୍ୟକ୍ଷ ବା ପରୋକ୍ଷ ରୂପରେ ପୂର୍ବଜଙ୍କୁ କଷ୍ଟ ଦେଇ ଅଭିଶପ୍ତ ଜୀବନ ପାଇଁ ରାସ୍ତା ଖୋଲିଦିଏ । ଏହାକୁ ପିତୃଦୋଷ କୁହାଯାଏ । ତାହେଲେ ଆସନ୍ତୁ ଜାଣିବା ପିତୃଦୋଷ କେମକିତି ଦୂର ହେବ । ଚନ୍ଦ୍ରମା ପୃଥିବୀକୁ ୨୭ଦିନ ୭ ଘଣ୍ଟା ୪୫ ମିନିଟ୍‌ରେ ପରିକ୍ରମା କରନ୍ତି । ଉଲ୍ଲେଖନୀୟ ଯେ ଚନ୍ଦ୍ରମାର ଗୋଟିଏ ଅଂଶ ପୃଥିବୀ ଆଡ଼କୁ ରୁହେ, ଅନ୍ୟ ଅଂଶ ପୃଥିବୀ ଆଡ଼କୁ କେବେ ବି ଆସେ ନାହିଁ । ଚନ୍ଦ୍ରମାର ଏହି ଅଦୃଶ୍ୟ ଅନ୍ଧକାରମୟ ଅଂଶ ଯାହା ପୃଥିବୀ ଆଡ଼କୁ କେବେବି ଆସେ ନାହିଁ ତାହାକୁ ପିତୃଲୋକ କୁହାଯାଏ । ଚନ୍ଦ୍ରମାର ଭୌଗୋଳିକ ଏବଂ ଖଗୋଳୀୟ ସ୍ଥିତି ଆଧାରରେ ଏଠାରେ ଗୋଟିଏ ମାସ ଦିନ ଓ ରାତି ହୁଏ । ଏହାକୁ ଅହୋରାତ୍ର କୁହାଯାଏ । ସୂର୍ଯ୍ୟସିଦ୍ଧାନ୍ତ ଗ୍ରନ୍ଥର ମାନ୍ୟତା ଅନୁଯାୟୀ ଯେତେବେଳେ ପୃଥିବୀରେ ଅମାବାସ୍ୟା ହୁଏ ସେତେବେଳେ ଚନ୍ଦ୍ରମାର ଅଦୃଶ୍ୟ ଅଂଶ ସୂର୍ଯ୍ୟଙ୍କ ଆଡ଼କୁ ଥିବାରୁ ପିତୃଲୋକରେ ମଧ୍ୟାହ୍ନ ହୁଏ । ସେମିତି ଯେତେବେଳେ ପୃଥିବୀରେ ପୂର୍ଣ୍ଣିମା ହୁଏ ସେତେବେଳେ ଚନ୍ଦ୍ରମାର ଏହି ଅଂଶ ସୂର୍ଯ୍ୟଙ୍କ ଠାରୁ ଦୂରେଇ ଯାଉଥିବାରୁ ପିତୃଲୋକରେ ମଧ୍ୟରାତ୍ରୀ ହୋଇଯାଏ । ସେହିପରି କୃଷ୍ଣପକ୍ଷ ଅଷ୍ଟମୀରେ ସୂର୍ଯ୍ୟୋଦୟ ଏବଂ ଶୁକ୍ଳପକ୍ଷ ଅଷ୍ଟମୀରେ ସୂର୍ଯ୍ୟାସ୍ତ ହୁଏ । ଶାସ୍ତ୍ର ଅନୁଯାୟୀ ପୃଥିବୀରେ ଅମାବାସ୍ୟା ସମୟରେ ପିତୃଲୋକରେ ମଧ୍ୟାହ୍ନ ହୁଏ, ଏହା ପୂର୍ବଜଙ୍କ ଭୋଜନର ସମୟ । ଜନ୍ମ କୁଣ୍ଡଳୀରେ ଗ୍ରହସ୍ଥିତି ଆଧାରରେ ପିତୃଋଣ ବା ପିତୃଦୋଷ ସଂପର୍କରେ ଜଣାପଡ଼େ । ଭାରତୀୟ ଜ୍ୟୋତିଷ ବିଜ୍ଞାନରେ ସୂର୍ଯ୍ୟ ପିତୃକାରଣ ଏବଂ ଚନ୍ଦ୍ର ମାତୃକାରକ ଗ୍ରହ ଭାବରେ ସ୍ୱୀକୃତ । ପିତୃଦୋଷର ମୁଖ୍ୟ କାରକ ଏହି ଉଭୟ ଗ୍ରହ । ଏମାନେ ରାଶିଚକ୍ରରେ ରାହୁ ସହିତ ଥିଲେ କିମ୍ବା ରାହୁ ସହ ସୁସଂପର୍କ ଥିଲେ ପିତୃଦୋଷ ବ୍ୟକ୍ତ କରେ । ସୂର୍ଯ୍ୟ ଓ ଶନି ଉପରେ ରାହୁର କୁ-ପ୍ରଭାବ ବ୍ୟକ୍ତିଙ୍କୁ ଭୀଷଣ କଷ୍ଟ ଏବଂ କାର୍ଯ୍ୟରେ ଅବରୋଧର ସାମ୍ନା କରାଏ । ଶ୍ରାଦ୍ଧ ପାଇଁ ଆମ ସାମାଜିକ ଜନଜୀବନର ଏକ ଉତ୍ସବ ଶୃଙ୍ଖଳା ଭାବେ ଏହାକୁ ବିଚାର କରାଯାଏ । ଦେବଶୟନୀ ଏକାଦଶୀରୁ ଆରମ୍ଭ ହୋଇଥିବା ଭାରତୀୟ ମନିଷୀମାନଙ୍କ ପ୍ରଣୀତ ଏହି ଶୃଙ୍ଖଳର ଉତ୍ସବ । ଯାହାକି ଶେଷ ହୁଏ ଦେବପ୍ରମୋଦିନୀ ଏକାଦଶୀରେ । ଏହି ଚାରିମାସକୁ ନିଷ୍ଠା, ପବିତ୍ରତା, ସଂକଳ୍ପ ଓ ଭକ୍ତିର ଉତ୍ସବର ଦିବ୍ୟ ମୁହୂର୍ତ୍ତ ଭାବେ ବିଚାର କରାଯାଏ । ବର୍ଷାର ଏହି ଚାରିମାସକୁ ଚର୍ତ୍ତୁମାସ କୁହାଯାଇଥାଏ । ଏହି ସମୟରେ ଚାଷବାସ ହୋଇନଥାଏ, ଉତ୍ସବର ମୁହୂର୍ତ୍ତ ହୋଇଥିବାରୁ ସବୁ କାମ ବନ୍ଦ ହୋଇଥାଏ । ଏହି ପୂଜାରେ ସର୍ବପ୍ରଥମେ ଗଣେଶଙ୍କୁ ଆବାହନ କରାଯାଏ । ଯାହାକି ଏହି ଉତ୍ସବର ଦ୍ୱିତୀୟ ପର୍ବରେ ଗଣେଶ ପୂଜା ପଡ଼ିଥାଏ । ଗଣେଶଙ୍କ ପରେ ଯଜ୍ଞରେ ପିତୃପୁରୁଷଙ୍କୁ ଆବାହାନ କରାଯାଏ ଏହାପରେ ପଡ଼ିଥାଏ ପିତୃପକ୍ଷ । ବିଚାର କରାଯାଏ ପିତୃପକ୍ଷରେ ନିଜ ପୂର୍ବଜଙ୍କ ସ୍ମରଣ କରାଯାଉଥିବାରୁ ତେଣୁ ଦୁଃଖାବିବୃତ୍ତ ମୁହୂର୍ତ୍ତ ଓ ତାଙ୍କ ଅନୁପସ୍ଥିତି ପାଇଁ କୌଣସି ଶୁଭକାର୍ଯ୍ୟ କରାଯାଏ ନାହିଁ । ଆଉ ଯେଉଁମାନେ ପୂର୍ବଜଙ୍କୁ ସଂପୂର୍ଣ୍ଣ ଶ୍ରଦ୍ଧାର ସହ ପବିତ୍ର ଓ ସମର୍ପିତ ହୃଦୟରେ ପିଣ୍ଡ ପ୍ରଦାନ କରିଥାନ୍ତି ବା ଶ୍ରାଦ୍ଧ, ତର୍ପଣ ଓ ଧାନଧର୍ମ କରିଥାନ୍ତି ସେମାନଙ୍କ ସହିତ ପିତୃପୁରୁଷଙ୍କ ଆଶୀର୍ବାଦ ରହିଥାଏ ।

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୧୨୮୧୦*




# ଏୟୁ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଏବଂ ଫିନ୍‌କେୟାର ସ୍ମଲ ଫାଇନାନ୍ସ ବ୍ୟାଙ୍କ ପକ୍ଷରୁ ମିଶ୍ରଣ ଘୋଷଣା

ମୁମ୍ବଇ,(ପି.ଏନ): ଏୟୁ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ (‘ଏୟୁ ଏସ୍‌ଏଫବି’)ର ବୋର୍ଡ ଅଫ ଡାଇରେକ୍ଟର୍ସ ଏବଂ ଫିନ୍‌କେୟାର ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ (‘ଫିନ୍‌କେୟାର ଏସଏଫ୍‌ବି’)ର ବୋର୍ଡ ଅଫ ଡାଇରେକ୍ଟର୍ସ ସେମାନଙ୍କର ଗତକାଲି ଅନୁଷ୍ଠିତ ସମ୍ପୃକ୍ତ କମ୍ପାନୀର ବୈଠକଗୁଡ଼ିକରେ ଏୟୁ ଏସ୍‌ଏଫବି ଏବଂ ଫିନ୍‌କେୟାର ଏସ୍‌ଏଫବିର ସମସ୍ତ ଷ୍ଟକ ମିଶ୍ରଣ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ବ୍ୟାଙ୍କିଙ୍ଗ ନିୟନ୍ତ୍ରଣ ଆଇନ, ୧୯୪୯ର ଧାରା ୪୪ଏ ଅଧୀନରେ ମିଶ୍ରଣ ଯୋଜନା ଯଥାକ୍ରମେ ଏୟୁ ଏସ୍‌ଏଫବି ଏବଂ ଫିନ୍‌କେୟାର ଏସ୍‌ଏଫବିର ଅଂଶଧାରକ ଏବଂ ବ୍ୟାଙ୍କିଙ୍ଗ ନିୟନ୍ତ୍ରଣ ଆଇନ ଅଧୀନରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଓ ଭାରତର କମ୍ପିଟେସନ୍ କମିଶନଙ୍କ ଅନୁମୋଦନ ଉପରେ ନିର୍ଭର କରୁଛି। ଆବଶ୍ୟକ ଅନୁମୋଦନ ହାସଲ କରିବା ପରେ ଫିନ୍‌କେୟାର ଏସ୍‌ଏଫବିର ଏୟୁ ଏସ୍‌ଏଫବି ସହିତ ମିଶ୍ରଣ ଘଟିବ ଏବଂ ଫିନ୍‌କେୟାର ଏସ୍‌ଏଫବିର ଅଂଶୀଧାରକଗଣ ଅନୁମୋଦିତ ସେୟାର ପ୍ରତିବଦଳ ଅନୁପାତରେ ଫିନ୍‌କେୟାର ଏସ୍‌ଏଫବିରେ ରହିଥିବା ସେମାନଙ୍କ ଅଂଶ ବିନିମୟରେ ଏୟୁ ଏସ୍‌ଏଫବି ସେୟାର ହାସଲ କରିବେ। ଫିନ୍‌କେୟାର ଏସ୍‌ଏଫବିର ସମସ୍ତ କର୍ମଚାରୀ ଏୟୁ ଏସ୍‌ଏଫବି ପରିବାରର ଅଂଶବିଶେଷ ହେବେ। ଏୟୁ ଏସ୍‌ଏଫବି ଏବଂ ଫିନ୍‌କେୟାର ଏସ୍‌ଏଫବିର ବୋର୍ଡଗୁଡ଼ିକ ଯଥାକ୍ରମେ ପରସ୍ପରର ବ୍ୟବସାୟିକ କାର୍ଯ୍ୟକଳାପର ମୁଖ୍ୟ ଦିଗଗୁଡ଼ିକର ଯଥୋଚିତ ପ୍ରୟାସର ଫଳାଫଳକୁ ବିଚାରକୁ ନେଇଥିଲେ। ସର୍ତ୍ତ ଅନୁଯାୟୀ ଫିନ୍‌କେୟାର ଏସ୍‌ଏଫବିର ପ୍ରମୋଟର ଫିନ୍‌କେୟାର ବିଜିନେସ୍ ସର୍ଭିସେସ୍ ଲିମିଟେ (‘ଏଫବିଏସ୍‌ଏଲ’) ମିଶ୍ରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ପୂର୍ବରୁ ଫିନ୍‌କେୟାର ଏସଏଫବିକୁ ୭୦୦ କୋଟି ଟଙ୍କାର ପାଣ୍ଠି ଯୋଗାଇବ। ଏୟୁ ଏସ୍‌ଏଫବି ଏବଂ ଫିନ୍‌କେୟାର ଏସ୍‌ଏଫବି ପକ୍ଷରୁ ନିଯୁକ୍ତ କରାଯାଇଥିବା ନିରପେକ୍ଷ ମୂଲ୍ୟାୟନକାରୀ ଯଥାକ୍ରମେ ବଂଶୀ ଏସ.ମେହଟା ଭାଲ୍ୟୁର୍ସ ଏଲଏଲପି ଏବଂ ଆର୍‌ବିଏସଏ ଭାଲ୍ୟୁଏସନ୍ ଆଡଭାଇଜର୍ସ ଏଲଏଲ୍‌ପି ଏକ ସେୟାର ବିନିମୟ ଅନୁପାତ ସୁପାରିସ କରିଛନ୍ତି, ଯାହାକୁ ସମ୍ପୃକ୍ତ କମ୍ପାନୀର ବୋର୍ଡଗୁଡ଼ିକ ଗ୍ରହଣ କରିଛନ୍ତି। ସେୟାର ବିନିମୟ ଅନୁପାତ ସମ୍ପର୍କରେ ଜେଏମ୍ ଫାଇନାନ୍‌ସିଆଲ ଲିମିଟେଡ ଏକ ଯୁକ୍ତିସଙ୍ଗତ ମତାମତ ଏୟୁ ଏସ୍‌ଏଫବିକୁ ପ୍ରଦାନ କରିଥିବାବେଳେ ଆଇଆଇଏଫଏଲ ସିକ୍ୟୁରିଟିଜ୍ ଲିମିଟେଡ ଅନୁରୂପ ଯୁକ୍ତିସଙ୍ଗତ ମତାମତ ଫିନ୍‌କେୟାର ଏସ୍‌ଏଫବିକୁ ପ୍ରଦାନ କରିଛି। ତଦନୁଯାୟୀ ଫିନ୍‌କେୟାର ଏସ୍‌ଏଫବି ଅଂଶଧାରକମାନେ ଫିନ୍‌କେୟାର ଏସ୍‌ଏଫବିରେ ଧାରଣ କରୁଥିବା ୨୦୦୦ ସେୟାର ନିମନ୍ତେ ଏୟୁ ଏସ୍‌ଏଫବିରେ ୫୭୯ ସେୟାର ପାଇବେ। ମିଶ୍ରଣ ପରବର୍ତ୍ତୀ ସମୟରେ ଫିନ୍‌କେୟାର ଏସ୍‌ଏଫବିର ଅଂଶଧାରକମାନେ ଏୟୁ ଏସ୍‌ଏଫବିରେ ୨୯.୯% ଅଂଶ ହାସଲ କରିବେ। ଆଇସିଆଇସିଆଇ ସିକ୍ୟୁରିଟିଜ ଲିମିଟେଡ ଏବଂ ଆର୍ପଉଡ୍ କ୍ୟାପିଟାଲ ପ୍ରାଇଭେଟ ଲିମିଟେଡ ଏହି କାରବାର କ୍ଷେତ୍ରରେ ଫିନ୍‌କେୟାର ଏସ୍‌ଏଫବିପାଇଁ ଆର୍ଥିକ ପରାମର୍ଶଦାତା ଭାବରେ କାର୍ଯ୍ୟ କରିଥିବାବେଳେ ଆମ୍ବିଟ୍ ପ୍ରାଇଭେଟ ଲିମିଟେଡ ଏବଂ ମିରେ ଆସେଟ୍ କ୍ୟାପିଟାଲ ମାର୍କେଟସ୍ (ଇଣ୍ଡିଆ) ପ୍ରାଇଭେଟ ଲିମିଟେଡ ଏୟୁ ଏସ୍‌ଏଫବି ପାଇଁ ଆର୍ଥିକ ପରାମର୍ଶଦାତା ଭାବରେ କାର୍ଯ୍ୟକରିଥିଲା। ଏୟୁ ଏସ୍‌ଏଫବି ନିମନ୍ତେଏଜେଡବି ଆଣ୍ଡ ପାର୍ଟନର୍ସ ଏବଂ ଫିନ୍‌କେୟାର ଏସ୍‌ଏଫବି ନିମନ୍ତେ ଅନଗ୍ରାମ୍ ପାର୍ଟନର୍ସ ଆଇନଗତ ପରାମର୍ଶଦାତା ଭାବରେ କାର୍ଯ୍ୟକରିଥିଲେ। କେପିଏମ୍‌ଜି ଏବଂ ପିଡବ୍ଲ୍ୟୁସି ଯଥାକ୍ରମେ ଏୟୁ ଏସ୍‌ଏଫବି ଏବଂ ଫିନ୍‌କେୟାର ଏସ୍‌ଏଫବି ନିମନ୍ତେ ଡିଲିଜେନ୍ସ ପରାମର୍ଶଦାତା ଭାବରେ କାର୍ଯ୍ୟ କରିଥିଲେ। ପ୍ରସ୍ତାବିତ ମିଶ୍ରଣ ସମ୍ପର୍କରେ ମତ ଦେଇ ଶ୍ରୀ ସୟ ଅଗ୍ରୱାଲ, ଏମ୍‌ଡି ଓ ସିଇଓ, ଏୟୁ ଏସ୍‌ଏଫବି କହିଥିଲେ, ଆର୍ଥିକ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିବାର ସମାନ ଚରିତ୍ର ରହିଥିବା ଦୁଇ ସଫଳ ଏବଂ ସୁପରିଚାଳିତ ଏସଏଫ୍‌ବି ଫ୍ରାଞ୍ଚାଇଜ ଏକତ୍ର ହେବା ନେଇ ମୁଁ ଅତ୍ୟନ୍ତ ଆନନ୍ଦିତ। ଏହା କେବଳ ଦୁଇଟି ସଂସ୍ଥାର ମିଶ୍ରଣ ନୁହେଁ, ଏହା ସହଭାଗୀ ମୂଲ୍ୟବୋଧ, ସମାନ ଲକ୍ଷ୍ୟ ଏବଂ ଭବିଷ୍ୟତ ନିମନ୍ତେ ଏକ ଦୂରଦୃଷ୍ଟିର ଏକତ୍ରିକରଣ ହୋଇଛି।

# ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ ‘ରିୱାର୍ଡ଼ ଇୟୋରସେଲ୍ଫ’ ଅଭିଯାନର ଶୁଭାରମ୍ଭ କରାଯାଇଛି । ‘ରିୱାର୍ଡ଼ ଇୟୋରସେଲ୍ଫ’ ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି । ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧ୍ୟକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, “ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ ।” ସାମସଙ୍ଗର ‘ରିୱାର୍ଡ଼ ଇୟୋରସେଲ୍ଫ’ ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି । ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି । ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ । ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ । ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ । ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ । ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ୍ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ । ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୂଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ । ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ । ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ ।

# ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଶଂ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ୱାରେଟିଂ ସମୟକୁ ମଧ୍ୟ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ୍ୟ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଙ୍ଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ

ରହିଛି। ମୋଟୋର ଗ୍ରେଡ୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, “ ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି। କୋଭିଡ୍ ସଙ୍କଟ ଆମମାନଙ୍କୁ

ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ ଡି ଉପରେ ଅନୁଭୁତ ହୋଇଛି। ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି।

## ନିଶାନ୍ ଇଣ୍ଡିଆ ପକ୍ଷରୁ ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ବି-ଏସ୍‌ୟୁଭି ଉନ୍ମୋଚିତ

ଭୁବନେଶ୍ୱର: ‘ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ୱାର୍ଲ୍ଡ’ ଦର୍ଶନ ଉପରେ ନିର୍ମିତ ନିଶାନ ଇଣ୍ଡିଆ ଏହାର ବହୁ ପ୍ରତିକ୍ଷୀତ ବି-ଏସ୍‌ୟୁଭି ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍‌କୁ ଉନ୍ମୋଚନ କରିଛି। ନିଶାନ୍-ନେସ୍ କନ୍‌ସେପ୍ଟର ଏକ ବାସ୍ତବ ପ୍ରତିଫଳନ ନୂଆ ନିଶାନ୍ ମାଗ୍ନାଇଟ୍‌କୁ ଏକ ଭର୍ଚୁଆଲ ଇଭେଂଟ୍ ଜରିଆରେ ସମଗ୍ର ବିଶ୍ୱର ଦର୍ଶକଙ୍କ ପାଇଁ ଉନ୍ମୋଚିତ କରାଯାଇଥିଲା। ଏସମ୍ପର୍କରେ ନିଶାନ ମୋଟର ଇଣ୍ଡିଆର ଅଧ୍ୟକ୍ଷ, ସିନାନ୍ ଓଜ୍‌କୋକ୍ କହିଛନ୍ତିଯେ, “ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ଆମର ନିଶାନ୍ ନେକ୍ସଟ୍ ରଣନୀତି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଏବଂ ଏକ ଗ୍ରାହକ କୈନ୍ଦ୍ରିକ ସଂସ୍ଥା ଭାବେ ଭାରତୀୟ ବଜାର ପାଇଁ ନିଶାନ୍‌ର ଅବିସ୍ମରଣୀୟ ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରୁଛି। ଏହି କାର୍ ସମୃଦ୍ଧ ଅଭିଜ୍ଞତା ପାଇଁ ଆକର୍ଷଣୀୟ ଉତ୍ପାଦ ଡେଲିଭର କରିବା ଲାଗି ଆମେ କରୁଥିବା ସବୁକିଛିର କେନ୍ଦ୍ରରେ ଗ୍ରାହକଙ୍କୁ ରଖିବା ନେଇ ଆମର ବ୍ରାଣ୍ଡ ଫିଲୋସୋଫିକୁ ଦୋହରାଉଛି।” ଅଲ୍-ନ୍ୟୁ ନିଶାନ ମାଗ୍ନାଇଟ୍ ହେଉଛି ନିରନ୍ତର ଉଦ୍ଭାବନ, ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଜାପାନିଜ୍ ଇଞ୍ଜିନିୟରିଙ୍ଗ୍‌ର ନିଶାନର ଗ୍ଲୋବାଲ ଏସ୍‌ୟୁଭି ଡିଏନ୍‌ଏର ଏକ ପ୍ରମାଣ। ଏଥିରେ ନିଶାନ୍ ଇଂଟେଲିଜେଂଟ୍ ମୋବିଲିଟି (ଏନ୍‌ଆଇଏମ୍) ର ଅଂଶ ଭାବେ ନୂତନ ଟେକ୍ନୋଲୋଜି ଏବଂ ଯାନଗୁଡିକୁ କିଭଳି ସମାଜ ସହ ପାରିଚାଳିତ, ଡ୍ରାଇଭେନ୍ ଓ ଇଂଟିଗ୍ରେଟେଡ୍ କରାଯିବ ତାହାକୁ ନେଇ କମ୍ପାନୀର ଆଭିମୁଖ୍ୟ ସାମିଲ ରହିଛି। ଜାପାନରେ ଡିଜାଇନ୍ ହୋଇଥିବା ଓ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ନିର୍ମିତ ଅଲ୍ ନ୍ୟୁ ନିଶାନ ମାଗ୍ନାଇଟ୍‌ରେ ଏକାଧିକ ଫାର୍ଷ୍ଟ-ଇନ୍-କ୍ଲାସ୍ ଓ ବେଷ୍ଟ-ଇନ୍-ସେଗମେଂଟ୍ ଫିଚର ରହିଛି। ଏହାର ଫାର୍ଷ୍ଟ-ଇନ୍-କ୍ଲାସ୍ ପ୍ଲେୟାର ଗାରନେଟ୍ ରେଡ୍ (ଟିଂଟ୍ କୋଟ୍) କଲର୍ ଗଭୀରତା ଓ ଉନ୍ନତ ଗୁଣବତା ସହ ପ୍ରିମିୟମନେସ୍‌କୁ ପ୍ରତିଫଳନ କରୁଛି। ଏହା ୯ଟି ବଡି କଲର୍‌ଏ ୫ଟି ମୋନୋଟୋନ୍ ଓ ୪ଟି ଡୁଆଲ ଟୋନ୍ କଲର୍‌ରେ ଉପଲବ୍ଧ ହେଉଛି। ଏହି କାର୍‌ରେ ସବୁଠାରୁ ପତଳା ହେଡ୍‌ଲ୍ୟାମ୍ପ, ହାଲୁକା ସେପର-ଷ୍ଟାଇଲ୍ ଟର୍ଣ୍ଣ ଇଣ୍ଡିକେଟର୍, ଏଲ୍- ସେପ୍ ଏଲଇଡି ଡେଟାଇମ୍ ରନିଙ୍ଗ ଲାଇଟ୍‌ସ (ଡିଆର୍‌ଏଲ୍) ଓ ଡୋମିନେଟିଙ୍ଗ୍ ଫ୍ରଂଟ୍ ଗ୍ରିଲ୍ ରହିଛି। ଏଥିରେ ବ୍ୟାପକ ଶୃଙ୍ଖଳାର ଆକ୍‌ସେସରିଜ୍, ଏକ ୱାୟାରଲେସ୍ ଚାର୍ଜର୍, ଏୟାର ପ୍ୟୁରିଫାୟାର, ପଡଲ୍ ଲ୍ୟାମ୍ପ ଓ ଆମ୍ବିଏଂଟ୍ ମୁଡ୍ ଲାଇଟିଙ୍ଗ ଥିବା ଟେକ୍ ପାକ୍ ରହିଛି। ଏହାର ହରାଇଜୋଂଟାଲ ଇନ୍‌ଷ୍ଟ୍ରୁମେଂଟ୍ ପ୍ୟାନେଲ ଷ୍ଟ୍ରକ୍‌ଚର ଡବଲ ଡେକ୍ କନ୍‌ସୋଲ ଏହି କାର୍‌କୁ ଅଧିକ ଚଉଡା କରୁଛି।

# ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି। ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଚାଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି। ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି। ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ। ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି। ଏହାର ଅର୍ଥ ହେଉଛି-ଚାଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି। ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଚାଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଠକ୍ତଙ୍କକ୍ଟକ୍ସ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି। ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି। ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ,

ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଚାଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି। ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଚାହୁଁଛୁ। ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଚାମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ। ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ୍ୟ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ। ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି। ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି। ଏହି କ୍ୟାପସୁଲ ସମ୍ଭାର ବର୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ। ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଚାଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ। ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ। ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି। ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଚାଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି। ଫେସନ୍ ଶିଳ୍ପରେ ପରିଚାଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାଙ୍କୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତାବହ ହେବାକୁ ପଡ଼ିବ।

# କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : “ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ’ଣ କରିବେ ?” ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଠକ୍ଷପ୍ସ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ)

ତାହାର ଡିଜିଟାଲ ପ୍ରଚାରର ଅଭିଯାନ ‘ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା’(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ। କୋଟାକ ମହିନ୍ଦ୍ରାର ‘ଲେଟ୍‌ସ ପ୍ଲାନ’ ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି। ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି। ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି। ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଙ୍କ୍ଷା ପ୍ରଦର୍ଶିତ ହୋଇଛି ଏବଂ ‘ଲେଟ୍‌ସ ପ୍ଲାନ୍’ କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ’ କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜଲ ଶାହ କହିଛନ୍ତି, “ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ ‘ଟକ୍ ଟୁ ମିଷ୍ଟର ଏସଆଇପି’ ପରେ ‘ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା’ ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ

ହୋଇଛି। ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ। ‘ଲେଟ୍‌ସ ପ୍ଲାନ୍’ ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି।” ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍‌କେ କହିଛନ୍ତି, ‘ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ। ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା। ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି।”

# ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି। ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି। ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି। ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି। ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟଓ୍ୱାର୍କ ଓ ଆବଠକ୍ଷପ୍ସ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି। ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି। ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି। କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି। ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟଓ୍ୱାର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ। ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, “ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ। ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି। ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ

ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଠକ୍ଷପ୍ସ;ରନେଟ ଅଫ୍ ଥିଙ୍ଗ୍‌ସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ।” ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, “ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି। ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯଉୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି। ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି।

## ଦିଲ୍ଲୀ ପଠାଗଲା କେନ୍ଦ୍ରାପଡ଼ାରୁ ସଂଗୃହିତ ଅମୃତ କଳସ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ଜିଲ୍ଲା ବିଜେପି ଶାଖା ତରଫରୁ ଜିଲ୍ଲାର ପ୍ରତ୍ୟେକ ଗ୍ରାମରୁ ସଂଗ୍ରହ ହୋଇଥିବା ସହିଦ୍ ମାନଙ୍କ ଉଦ୍ଦେଶ୍ୟରେ ମାଟି ଓ ଚାଉଳ ଅମୃତ କଳସରେ ରଖି ଦିଲ୍ଲୀରେ ନିର୍ମାଣ ହେବାକୁ ଥିବା ଅମୃତ ବାଟିକା ନିମନ୍ତେ ପଠାଯାଇଛି। ଏନେଇ ତିନିମୁହାଣୀ ସ୍ଥିତ ରାମ ମନ୍ଦିର ପରିସରରୁ ଜିଲ୍ଲା ସାଧାରଣ ସଂପାଦକ ଶଶାଙ୍କ ଶେଖର ସେଠୀଙ୍କ ନେତୃତ୍ୱରେ ୯ଗୋଟି ବ୍ଲକରୁ ସଂଗ୍ରହ ହୋଇଥିବା କଳସକୁ ପୂଜା ଅର୍ଚ୍ଚନା କରାଯାଇ ଏକ ବିରାଟ ଶୋଭାଯାତ୍ରା ରେ ଅଣାଯାଇ ଦିଲ୍ଲୀ ପଠାଯାଇ ଥିଲା।



# ମୋ ଓଡ଼ିଶା

## ଉଦ୍ୟମିତା ବିକାଶ କାର୍ଯ୍ୟକ୍ରମ ତାଲିମ ଶିବିର ଉଦଘାଟିତ

ଭୁବନ,(ପି.ଏନ): ଢେଙ୍କାନାଳ ଜିଲ୍ଲାର ଆଦିବାସୀ ଅଧୁଷିତ ଅଂଚଳ କଙ୍କଡ଼ାହାଡ଼ ବ୍ଲକ ସଭାଗୃହ ଠାରେ ୧୨ ଦିନିଆ ଉଦ୍ୟମିତା ବିକାଶ କାର୍ଯକ୍ରମ(ତାଲିମ ଶିବିର) ଉଦଘାଟିତ ହୋଇଯାଇଛି। ଶିଳ୍ପ ନିର୍ଦ୍ଦେଶାଳୟ ଭୁବନେଶ୍ୱର ଆନୁକୂଲ୍ୟରେ ଏବଂ ଜିଲ୍ଲା ଶିଳ୍ପ କେନ୍ଦ୍ର, ଢେଙ୍କାନାଳ ଓ ଜଗବନ୍ଧୁ ଜରାଶ୍ରମ ଭୁବନ ସହଯୋଗରେ ବିଡ଼ିଓ ଯଶୋବନ୍ତ ଦେହୁରୀ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ତାଲିମ ଶିବିର ରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ ପ୍ରମୋଦ କୁମାର ସାହୁ, ସମ୍ମାନିତ ଅତିଥି ଭାବେ କଙ୍କଡ଼ାହାଡ଼ ଜୁନିଅର କଲେଜ ଅଧକ୍ଷ ପ୍ରସନ୍ନ କୁମାର ସାହୁ, ଓଡ଼ିଶା ଜୀବିକା ମିଶନ ଅଧିକାରିଣୀ ଶ୍ରୀମତୀ ସରିତା ବେହେରା, ମଙ୍ଗଳ ଅଧିକାରୀ ପ୍ରଶାନ୍ତ କୁମାର ସାହୁ, ୟୁକୋ ବ୍ୟାଙ୍କ ମ୍ୟାନେଜର ବିଜନ ଜଗନ୍ନାଥ ଶତପଥୀ,ମୁଖ୍ୟବକ୍ତା ଭାବେ ଉଦ୍ୟମୀତା ବିକାଶ ଆଂଚଳିକ ଅଧିକାରୀ ଡ ସୁବ୍ରତ କୁମାର ବିଶ୍ୱାଳ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ୧୨ ଦିନିଆ ତାଲିମ ଶିବିରରୁ ଉତମ ଜ୍ଞାନ ଆହରଣ କରି ସଫଳ ଶିଳ୍ପୋଦ୍ୟୋଗୀ ହେବା ସହିତ ରାଜ୍ୟ ଓ ଦେଶର ଆର୍ଥିକ ପ୍ରଗତି ରେ ସାମିଲ ହେବାକୁ ମାର୍ଗ ଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁସୂଚିତ ଜନଜାତି ବର୍ଗର ୫୦ରୁ ଉର୍ଦ୍ଧ ପ୍ରଶିକ୍ଷାର୍ଥୀ ୧୨ ଦିନିଆ ଟ୍ରେନିଂ ଶିବିରରେ ଅଂଶଗ୍ରହଣ ପାଇଁ ପଞ୍ଜିକୃତ ହୋଇ ପ୍ରଶିକ୍ଷଣ ନେଇଥିଲେ। ଏହି ଶିବିରରେ ପ୍ରଶିକ୍ଷାର୍ଥୀମାନଙ୍କୁ ଶିଳ୍ପ ସମ୍ବନ୍ଧୀୟ ସୂଚନ ଯଥା- ବ୍ୟାଙ୍କ କାରବାର, ଶିଳ୍ପ ସ୍ଥାପନା ପାଇଁ ଆନୁସଙ୍ଗିକ ଜ୍ଞାନ, କୌଶଳ, ଗ୍ରାହାକମାନଙ୍କୁ କିପରି ଆକୃଷ୍ଟ କରାଯିବ, ଟ୍ୟାକ୍ସ ସମ୍ବନ୍ଧୀୟ ଜ୍ଞାନ କୌଶଳ ଇତ୍ୟାଦି ସଂପକ୍ରରେ ଟ୍ରେନିଂ ଦିଆଯିବ। ଉକ୍ତ ଶିବିରକୁ ଓଡିଶାର ଦିତୀୟ ପର୍ବତ ରାଣୀ ତଥା "ଜଗବନ୍ଧୁ ଜରାଶ୍ରମ"ର ଷ୍ଟେଟ ପ୍ରୋଜେକ୍ଟ କୋର୍ଡିନେଟର ସୁଶ୍ରୀ ବିଭାରାଣୀ ପାତ୍ର ଏବଂ ଯୁବ ଶିଳ୍ପୋଦ୍ୟୋଗୀ ତଥା ସମାଜ ସେବୀ ପ୍ରଦୀପ ବେହେରା ପରିଚାଳନା କରିଥିଲେ। ଜଗବନ୍ଧୁ ଜରାଶ୍ରମ ସମ୍ପାଦକ ଆଶୁତୋଷ ମିଶ୍ର କାର୍ଯକ୍ରମର ସଫଳ ରୂପାୟନ ନିମନ୍ତେ ଉପସ୍ଥିତ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ସହଯୋଗ କରିବା ସହିତ ଏହି ତାଲିମ ଶିବିରରେ ଅଧିକରୁ ଅଧିକ ଶିଳ୍ପ ଦ୍ୟୋଗୀ ସୃଷ୍ଟି ହୋଇ ନିଜର ତଥା ପରିବାରର ଏବଂ ସମାଜରେ ଆର୍ଥିକ ସ୍ୱାବଲମ୍ବି ହୋଇ ନିଜର ସ୍ଥିତି ସୁଦୃଢ଼ କରିବା ସହିତ ଏକ ସୁସ୍ଥ, ସୁନ୍ଦର ସମାଜ ଗଠନ କରିବା ପାଇଁ ପରାମର୍ଶ ଦେବାସହ ଧନ୍ୟବାଦ୍ ଅର୍ପଣ କରିଥିଲେ।

## କଲେଜ୍ ଓ ହାଇସ୍କୁଲରେ ଅମୃତ ମହୋତ୍ସବ

ଧର୍ମଶାଳା (ପିଏନ୍): ଧର୍ମଶାଳା ମହିଳା ଡିଗ୍ରୀ କଲେଜ, ମହାବିଦ୍ୟାଳୟର ଏନ୍.ଏସ୍.ଏସ୍. ୟୁନିଟ୍, ମୋ କଲେଜ ଓ ରେଡ୍‌କ୍ରସ୍ ୟୁନିଟ୍ ଆନୁକୂଲ୍ୟରେ ଆଜାଦୀ କୀ ଅମୃତ ମହୋତ୍ସବ ପାଳିତ ହୋଇଯାଇଛି । କଲେଜର ଅଧକ୍ଷା ଡ. ଇନ୍ଦୁପ୍ରଭା ସାମଲଙ୍କ ସଭାପତିତ୍ୱରେ ଏନ୍.ଏସ୍.ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ସୁନାକୁର ଦାସ, ମୋ କଲେଜ ଅଭିଯାନର ସଂଯୋଜକ ଡକ୍ଟର ରାଜକିଶୋର ଜେନା, ଅଧାପକ ସଚ୍ଚିଦାନନ୍ଦ ପ୍ରଧାନଙ୍କ ସମେତ ସମସ୍ତ ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ । ବର୍ତ୍ତମାନର ଯୁବପିଢ଼ି ସ୍ୱାଧୀନତାର ଅମୃତ ମୂଲ୍ୟବୋଧକୁ ଉପଲବ୍ଧି କରିବାକୁ ବକ୍ତାମାନେ ପରାମର୍ଶ ଦେଇଥିଲେ। ଛାତ୍ରୀ ଲକ୍ଷ୍ମୀପ୍ରିୟା ରାଉତ, ସ୍ୱାଗତିକା ଗେଡ଼ି ଦେଶାତ୍ମବୋଧକ ସଙ୍ଗୀତରେ ନୃତ୍ୟ ପରିବେଷଣ କରିଥିବାବେଳେ ପ୍ରିୟଙ୍କା ବାରିକ, ଅନିତା ସାହୁ, ପ୍ରିୟଦର୍ଶିନୀ ସାହୁ, ସୁନିତା ପାଳ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀମାନେ ଜାତୀୟପତାକା ଧରି ଫ୍ଲାଗ୍‌ମାର୍ଚ୍ଚ କରି ସ୍ଥାନୀୟ ଅଂଚଳରେ ସଚେତନତା ସୃଷ୍ଟି କରିଥିଲେ। ସେହିପରି ଗଙ୍ଗାଧରପୁର ସ୍ଥିତ ପତିତପାବନ ହାଇସ୍କୁଲ ଓ ଅନନ୍ତ ଗୋପାଳ ନୋଡାଲ ସ୍କୁଲ ପକ୍ଷରୁ ଆଜାଦୀ କୀ ଅମୃତ ମହୋତ୍ସବ ପାଳନ କରାଯାଇଥିଲା। ଏଥିରେ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଇନ୍ଦିରା ଗାଗରାଇ, ଶିକ୍ଷୟିତ୍ରୀ ଭଂଜନା ସାହୁ, ତପସ୍ୱିନୀ ନାୟକ, ସୁପ୍ରଭା ଜେନା, ଶିକ୍ଷକ ନାରାୟଣ ନନ୍ଦ ଓ ଅକ୍ଷୟ ଦାସ ପ୍ରମୁଖ ଛାତ୍ରୀଛାତ୍ରଙ୍କ ଗହଣରେ ଜାତୀୟ ପତାକା ଧରି ଗଙ୍ଗାଧରପୁର ଗ୍ରାମ ପରିକ୍ରମା କରିବା ସହିତ ୨ ଶହ ଜାତୀୟ ପତାକା ବଂଟନ କରି ସଚେତନତା ସୃଷ୍ଟି କରିଥିଲେ ।

## ଜଳସେଚନ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର (ପିଏନ୍): ରବିନ୍ଦ୍ର ମଣ୍ଡପରେ ଦୁଇଦିନ ଧରି ଚାଲିଥିବା ଜଳସେଚନ ସାଂସ୍କୃତିକ ପରିଷଦର ଏକାଦଶତମ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ବିଜୟ କୁମାର ମିଶ୍ର, ଭକ୍ତ ରଂଜନ ମହାନ୍ତି ଏବଂ ମୁଖ୍ୟ ଯନ୍ତ୍ରୀ ମୁକୁଲ ଚନ୍ଦ୍ର ବେରା କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଜଳସେଚନ ପ୍ରକ୍ରିୟାକୁ ପ୍ରଶଂସା କରିଥିଲେ। ପରିଷଦର କଳାକାରମାନଙ୍କଦ୍ୱାରା ଆୟୋଜିତ ହୋଇଥିବା ନାଟକ ଅଧୁରା ସ୍ୱପ୍ନ ମଞ୍ଚସ୍ଥ ପାଇଁ ଧନ୍ୟବାଦ ଦେଇଥିଲେ। ସଭାପତି ଦିଲ୍ଲୀପ କୁମାର ସିଂହ ଏବଂ ସମ୍ପାଦକ ଅମିତାଭ ମହାନ୍ତି ସଭା ପରିଚାଳନାରେ ସହଯୋଗ କରିଥିଲେ। ସଂଘର ସ୍ମରଣିକା ଜଳସା ଉନ୍ମୋଚିତ ହୋଇଯାଇଥିବାବେଳେ କୋଭିଡ୍-୧୯ ପାଇଁ ଗତ ୩ବର୍ଷ ଧରି ବନ୍ଦ ଥିବା ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବିଶିଷ୍ଟ ତିନିଜଣ ବ୍ୟକ୍ତିଙ୍କୁ ସୁନାକର ମେମୋରିଆଲ ସମ୍ମାନ ପ୍ରଦାନ କରାଯାଇଥିଲା। ନାଟକ ଅଧୁରା ସ୍ୱପ୍ନର ନିର୍ଦ୍ଦେଶନା ଦାୟିତ୍ୱରେ ଥିଲେ ସୌମ୍ୟରଂଜନ ମହାନ୍ତି ଏବଂ ସମ୍ପାଦନା ଦାୟିତ୍ୱରେ ଦିପ୍ତୀ ରଂଜନ ଦାସ। ଟୁଙ୍ଗୁରୁ ମଦନ ମୋହନ ଦାଶ, ଇନିସ୍‌ପେକ୍ଟର ରବିନ୍ଦ୍ର କୁମାର ରାଉତ, ଜହର ତଥା ଖଳନାୟକ ସନ୍ତୋଷ କୁମାର ପ୍ରଧାନ ଭୂମିକାରେ ଅଭିନୟ କରିଥିବା କଳାକାରଙ୍କ ଅଭିନୟରୁ ଦର୍ଶକ ଖୁବ୍ ମଜ୍ଜା ଉଠାଇଥିଲେ।

## ପାରାଦୀପରେ ବାଲି ମାଫିଆ ସକ୍ରିୟ

ପାରାଦୀପ (ପିଏନ୍)- ସମୁଦ୍ର ଉପକୂଳରେ ଥିବା ଲୁଣା ଜଙ୍ଗଲ ଓ ବାଲି ଟିକିରା ପ୍ରାକୃତିକ ବିପର୍ଯ୍ୟୟ ଯଥା ବାତ୍ୟା ଓ ସୁନାମି ସମୟରେ ଉପକୂଳବାସୀଙ୍କୁ ସୁରକ୍ଷା ଦେଇଥାଏ । ଉପକୂଳବାସୀଙ୍କ ପାଇଁ ଏହା ସୁରକ୍ଷା କବଚ ହୋଇ ଠିଆ ହୋଇଥାଏ ଏହି ବାଲି ଟିକିରା (ବାଲୁକା ସ୍ତୁପ) । ଏହି ବାଲି ଟିକିରା ୧୯୯୯ ମସିହା ମହାବାତ୍ୟାଠାରୁ ଏପର୍ଯ୍ୟନ୍ତ ହୋଇଥିବା ବାତ୍ୟା, ସାମୁଦ୍ରିକ ଝଡରେ ପାରାଦୀପଠାରୁ ଏରସମା ପର୍ଯ୍ୟନ୍ତ ଅଂଚଳବାସୀଙ୍କୁ ସୁରକ୍ଷା ଦେଇଆସିଛି । ପାରାଦୀପ ଠାରୁ ଜଟାଧାର ମୁହାଣ ପର୍ଯ୍ୟନ୍ତ ବିସ୍ତିର୍ଣ୍ଣ ଅଂଚଳକୁ ସୁରକ୍ଷା ଦେଇଥିବା ଜଙ୍ଗଲ ଓ ବାଲି ଟିକିରା ଆଉ ଦେଖିବାକୁ ମିଳୁନାହିଁ । କାଠ ମାଫିଆମାନେ ଜଙ୍ଗଲ ଲୁଟ୍ କରିସାରିବା ପରେ ଏବେ ପାଳି ବାଲି ମାଫିଆମାନଙ୍କର । ପାରାଦୀପଠାରୁ ଜଟାଧାର ମୁହାଣ ପର୍ଯ୍ୟନ୍ତ



ବାଲି ଟିକିରା ରାତିର ଅନ୍ଧାରରେ ଲୁଟ୍ ହେଉଥିବା ଖବର ପୂର୍ବରୁ ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ପ୍ରଶାସନର ତତ୍ପରତା ପରେ ଏହା ବନ୍ଦ ହୋଇଯାଇଥିଲା । ଏବେ ପୁଣି ବାଲି ମାଫିଆ ବେଧଡକ ଭାବେ ରାତିର ଅନ୍ଧାରରେ ଲୁଟ କରୁଛନ୍ତି ଲୁଣା ବାଲି । ପାରାଦୀପ ଅଂଚଳରେ ଗଢି ଉଠୁଥିବା ଶିଳ୍ପସଂସ୍ଥାକୁ ଏହି ବାଲି ଚୋରା ଚାଲଣ ହେଉଛି । ପାରାଦୀପ ଉପକଣ୍ଠ ଷଣ୍ଢକୁଦବସ୍ତି ନିକଟରେ ନୁମାଲିଗଡ ରିଫାଇନାରୀ ଲିମିଟେଡ୍ (ଏନ.ଆର୍.ଏଲ୍) କମ୍ପାନୀ ଅଶୋଧିତ ତୈଳ ଭଣ୍ଡାର ପ୍ରତିଷ୍ଠା କରିବାକୁ ଯାଉଛି । ୨୩୨ ଏକର ପରିମିତ ଏହି ଯାଗାରେ ଲୁଣା ବାଲି ବିଛାଯାଉଛି । ତାହା ପୁଣି ଉପକୂଳରେ ଥିବା ବାଲି ଟିକିରାକୁ ଖୋଳି ବାଲି ମାଫିଆମାନେ ଆଣି ପ୍ରସ୍ତାବିତ ପ୍ରକଳ୍ପ ସ୍ଥାନରେ ପକାଉଛନ୍ତି । ଧର୍ମକୁ ଆଖିଠାର ପରି ଅଳ୍ପ କିଛି ବାଲି ବନ୍ଦର ୫ ନମ୍ବର ଗେଟ୍ ରୁ ନିଆଯାଉଛି । ସର୍ବାଧିକ ବାଲି ଏରସମା ତହସିଲ ଅଂର୍ଗତ ଯୋଗୀ ସାହି ନିକସ୍ଥ ଅଡମୁହଁ, ଢିଙ୍କିଆ ଓ ବୋସକାଲିସ୍ ପଏଂଟ ନିକଟସ୍ଥ ଅଂଚଳରୁ ବେଆଇନ୍ ଭାବେ ବାଲି ଶହ ଶହ ଟ୍ରିପ୍ ହାଇଓା ମାଧ୍ୟମରେ ଚାଲଣ କରାଯାଉଛି । ପ୍ରକଳ୍ପ ହେବା ପରେ ଜାହାଜ ଯୋଗେ ଅଶୋଧିତ ତେଲ ଆସି ଏହି ତୈଳ ଭଣ୍ଡାରରେ ଗଛିତ ହେବ ଏବଂ ପାଇପ୍ ଲାଇନ୍ ଯୋଗେ ଆସାମର ନୁମାଲିଗଡ ଠାରେ ଥିବା ଏନ.ଆର୍.ଏଲ୍ ତୈଳ ବିଶୋଧନାଗାରକୁ ଯିବ । ଲାଭବାନ ହେବ ଆସାମ କ୍ଷତିଗ୍ରସ୍ତ ହେବାକୁ ଯାଉଛି ଓଡିଶା । ପ୍ରଶାସନର ନିଶ ତଳେ ଏଭଳି ବାଲି ଲୁଟ୍ ଚାଲିଥିବା ବେଳେ ପ୍ରଶାସନ ଏଦିଗରେ ଚୁପ୍ ରହିବା ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହା ମଧ୍ୟରେ ଯଦି କେବେ ପ୍ରାକୃତିକ ବିପର୍ଯ୍ୟୟ ଦେଖାଦିଏ ତେବେ ଏହି ଉପକୂଳବାସୀ ସବୁଠୁ ବେଶୀ କ୍ଷତିଗ୍ରସ୍ତ ହେବେ । ପୁଣି ଥରେ ୧୯୯୯ ମସିହାର ମହାବାତ୍ୟା ପରର କରୁଣ ଚିତ୍ର ଏ ଅଂଚଳବାସୀ ଦେଖିବେ ବୋଲି ପୂର୍ବାନୁମାନ କରାଯାଉଛି ।

## କାର୍ ଧକ୍କାରେ ବ୍ୟବସାୟୀ ମୃତ



ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ନିକଟ ଗୋକର୍ଣ୍ଣେଶ୍ୱର ମନ୍ଦିର ସମ୍ମୁଖ ୧୬ ନମ୍ବର ଜାତୀୟ ରାଜପଥରେ ଏକ କାର୍ ଧକ୍କାରେ ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ହୋଇଛି । ମୃତକ ଯାଜପୁର ସଦର ଥାନା ଅର୍ଥଙ୍ଗା ପଞ୍ଚାୟତ ଅଳପୁଆ ଗ୍ରାମର ବେଣୁଧର ମଲିକ (୫୪) ବୋଲି ଜଣାପଡ଼ିଛି । ସେ ନିଜ ଲୁନାରେ ଘରକୁ ଫେରୁଥିବା ବେଳେ ଏକ କାର୍ ତାଙ୍କୁ ଧକ୍କା ଦେଇ ଚମ୍ପଟ ମାରିଥିଲା । ସେ ରାସ୍ତାରେ ଛିଟିକି ପଡ଼ିଥିବା ବେଳେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତିକରାଯାଇଥିଲା । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବରପାଇ ପୁଲିସ୍ ଦୁର୍ଘଟଣାଗ୍ରସ୍ତ ଲୁନା ଓ ମୃତଦେହକୁ ଜବତ କରି ଘଟଣାର ତଦନ୍ତ କରୁଛି ।

## ସହୀଦ ବାଘାଜତୀନଙ୍କୁ ଶ୍ରଦ୍ଧାଞ୍ଜଳୀ

ବାଲେଶ୍ୱର (ପିଏନ୍)- ବାଲେଶ୍ୱର ଜିଲ୍ଲା ଜେଲ୍ ପରିସରରେ ଥିବା ସହୀଦ ବାଘାଜତୀନଙ୍କ ସ୍ମୃତି ପୀଠରେ ବିଜେପି ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳୀ ସଭା ଆୟୋଜିତ ହୋଇଥିଲା। ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାକୁ ନଗର ମଣ୍ଡଳ ସଭାପତି ଚିତ୍ତରଞ୍ଜନ ପଣ୍ଡା ପରିଚାଳନା କରିଥିଲେ। ସହୀଦ ବାଘାଜତୀନ ଓ ତାଙ୍କ ସାଥୀଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ ପୂର୍ବକ ସଭା କାର୍ଯ୍ୟ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ସହୀଦ ବାଘାଜାତୀନଙ୍କ ବିଷୟରେ ସ୍ମୃତିଚାରଣ କରିଥିଲେ। ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀ ସ୍ୱାଧୀନତା ଦିବସ ଅବସରରେ ମିଷ୍ଟାନ୍ନ ବଣ୍ଟନ କରିବା ସହିତ ବିଚାରାଧୀନ ଜେଲ୍ ଅନ୍ତେବାସୀଙ୍କ ସହିତ ମୌଳିକ ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ ଓ ଗୋବିନ୍ଦ ଚନ୍ଦ୍ର ଦାସ ଲମ୍ବୋଦର ନାୟକ, ପର୍ଶୁରାମ ପରିଡ଼ା, କମଳଲୋଚନ ଦାସ ପ୍ରମୁଖ ବିଜେପି କର୍ମୀମାନେ ଉପସ୍ଥିତ ଥିଲେ।

## ଲିଙ୍ଗିପୁର ଗ୍ରାମପଂଚାୟତର ଅଧିକାଂଶ ରାସ୍ତା ମରଣଯନ୍ତା



ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱର ଉପକଣ୍ଠ ଲିଙ୍ଗିପୁର ପଂଚାୟତ ଅଫିସଠାରୁ ମାତ୍ର ୧୦୦ ମିଟର ଭିତରେ ଅଧିକାଂଶ ରାସ୍ତା ଅବସ୍ଥା ଶୋଚନୀୟ। ରାସ୍ତାଗୁଡିକ ତିଆରି ହେବାପରେ ମରାମତି ପାଇଁ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ସେତିକି ଯତ୍ନବାନ ନୁହେଁ, ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି କିନ୍ତୁ ଅବସ୍ଥାରେ ସୁଧାର ଆସୁନି। ଏତେଗୁଡିଏ ଅର୍ଥ ଖର୍ଚ୍ଚ ହେବା ସତ୍ତ୍ୱେ ରାସ୍ତା ମରାମତି ଠିକ ଭାବରେ ହୋଇପାରୁନି। ଏହାର ନଗ୍ନ ଉଦାହରଣ ହେଉଛି ଭୁବନେଶ୍ୱର ଉପକଣ୍ଠ ଲିଙ୍ଗିପୁର ପଂଚାୟତ ଅଧିନସ୍ଥ ଜନନୀ ହସ୍‌ପିଟାଲ୍ ସମ୍ମୁଖ ରୋଡ ତାହା ଖୋଳି ହୋଇ ବିପଦସଂକୁଳ ଅବସ୍ଥାରେ ଅଛି। ଖାଲ, ଢିପ ଭର୍ତି। ପ୍ରତ୍ୟେକ ଦିନ ହସ୍‌ପିଟାଲକୁ ଆସୁଥିବା ଆମ୍ବୁଲାନ୍ସ ଏବଂ ସାଧାରଣ ଲୋକ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ଏଥିପ୍ରତି କର୍ଣ୍ଣପାତ କରୁନାହିଁ। ଗାଙ୍ଗୋତ୍ରୀ ନଗର ଲେନ ନଂ-୩। ଏହି ରାସ୍ତା ମରଣଯନ୍ତା ଅଟେ। ଗ୍ରାମ୍ୟଉନ୍ନୟନ ବିଭାଗ ଯନ୍ତ୍ରୀ କୁହନ୍ତି ମରାମତି ହେବ। ନିର୍ବାହୀ ଯନ୍ତ୍ରୀ, ସହକାର ଯନ୍ତ୍ରୀ ପ୍ରତିଶ୍ରୁତି ଦେବାରେ ହେଳା କରନ୍ତିନି କିନ୍ତୁ କାର୍ଯ୍ୟରେ ଶୂନ। ଏହି ରାସ୍ତା ଦେଇ ପ୍ରତିଦିନ ଶହ ଶହ ଲୋକମାନେ ଯିବା ଆସିବା କରନ୍ତି। ସମସ୍ତ ସ୍କୁଲ ଓ କଲେଜ ଛାତ୍ର ଏହି ବାଟ ଦେଇ ଯିବା ଆସିବା କରନ୍ତି। ଏହି ରୋଡ ନଂ-୩ଟି ହେଉଛି ମୁଖ୍ୟ ରାସ୍ତା। ଏଠାରେ ଅଧିକାଂଶ ବ୍ୟକ୍ତି ବରିଷ୍ଠ ନାଗରିକ ଅଟନ୍ତି। ସକାଳେ ପ୍ରାତଃ ଭ୍ରମଣରେ ଯିବାବେଳେ ଚାଲିକି ଯିବା ସମ୍ଭବପର ନୁହେଁ କାରଣ ରାସ୍ତାର ଅବସ୍ଥା ଅବର୍ଣ୍ଣନୀୟ ଅଟେ। ଖାଲଖମାରେ ଭରପୁର। ଅଳ୍ପ ବର୍ଷାରେ ରାସ୍ତାରେ ଆଣ୍ଠୁଏ ପାଣି। ରାସ୍ତା ଖୋଜି ବାହାର କରିବା କାଠିକର ପାଠ। ସେହିପରି ଲିଙ୍ଗିପୁର ପଂଚାୟତ ଅଫିସଠାରୁ ମାତ୍ର



୨୦ମିଟର ଭିତରେ ଡାକଘର ପଛପଟ ରାସ୍ତା ଅତ୍ୟନ୍ତ ଦୟନୀୟ ଏବଂ ଦୀପତଳ ଅନ୍ଧାର ନ୍ୟାୟରେ ସାଧାରଣ ଲୋକଙ୍କୁ ହଇରାଣ ହରକତ କରାଯାଉଛି। ସ୍ୱାଧୀନତାର ୭୫ବର୍ଷ ପରେ ମଧ୍ୟ ଏହିଭଳି ଶୋଚନୀୟ ରାସ୍ତା ତାହା ନିଜ ଚକ୍ଷୁରେ ନଦେଖିଲେ ବିଶ୍ୱାସ କରିହେବ ନାହିଁ। ଯୋଜନା ଅନୁଯାୟୀ ଜାନୁଆରୀରୁ ରାସ୍ତା କାମ ଆରମ୍ଭ ହୋଇ ଜୁନ ମାସ ମଧ୍ୟରେ ସରିବା କଥା କିନ୍ତୁ ଗ୍ରାମ୍ୟ ଉନ୍ନୟନ ବିଭାଗର ଦୂରଦୃଷ୍ଟି ଅଭାବରୁ ଗାଙ୍ଗୋତ୍ରୀନଗରବାସୀ ଅସୁବିଧାରେ। ଠିକାଦାରମାନେ ନିମ୍ନଧରଣର କାମ କରିବା ଫଳରେ କାମ ହେବାର କିଛିଦିନ ପରେ ଯଥାପୂର୍ବଂ ତଥା ପରଂ। ଏଠାରେ ସବୁ ରାସ୍ତା ବିପଜ୍ଜନକ ଅବସ୍ଥାରେ ରହିଛି। କିଛି ନହେଲେ ସରକାର ମୁଖ୍ୟରାସ୍ତା ରୋଡ ନଂ-୩କୁ ତୁରନ୍ତ ମରାମତି କରିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେବାକୁ ଦାବୀ ହୋଇଛି।

## ଜାତୀୟ କଂଗ୍ରେସର ଆଜାଦୀ କୀ ଗୌରବ ଯାତ୍ରା, ସ୍ୱତନ୍ତ୍ରତା ସେନାନୀଙ୍କ ପ୍ରତି ଏକ ଉଚିତ୍ ସମ୍ମାନ

ରାଉରକେଲା (ପିଏନ୍): ଭାରତୀୟ ଜାତୀୟ କଂଗ୍ରେସ ତରଫରୁ ଅଗଷ୍ଟ ୯ କ୍ରାନ୍ତି ଦିବସଠାରୁ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଦେଶବ୍ୟାପି ଆରମ୍ଭ କରାଯାଇଥିବା ଗୌରବ ପଦଯାତ୍ରାରେ ସ୍ୱତନ୍ତ୍ରତା ସେନାନୀମାନଙ୍କ ଅନନ୍ୟ ତ୍ୟାଗ ଓ ବଳିଦାନକୁ ସ୍ମରଣ କରିବା ସହିତ ଏହି ପଦଯାତ୍ରା ସେମାନଙ୍କ ପ୍ରତି ଉପଯୁକ୍ତ ସମ୍ମାନ ବୋଲି ଦଳ ତରଫରୁ କୁହାଯାଇଛି । ଏହି ପରିପ୍ରେକ୍ଷୀରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ଗୌରବ ପଦଯାତ୍ରା ଟିମ୍ବର କଲୋନୀ ସ୍ଥିତ ବିଏସ୍ଏନ୍ଏଲ୍ ଛକ ନିକଟରୁ ବାହାରି ଗୋପବନ୍ଧୁପାଲ୍ଲୀ, ରେଲୱେ କଲୋନୀ, ଇନ୍ଦିରା ନଗର, ରାଜୀବ ନଗର, ମାଲଗୋଦାମ, ବାସନ୍ତୀ ନଗର, ଡିଏଭି ଛକ, ଛେଣ୍ଡ ଭିଏସ୍ଏସ୍ ମାର୍କେଟ ଛକ ମଧ୍ୟ ଦେଇ ଚିନ୍ମୟ ବିଦ୍ୟାଳୟ ଛକଠାରେ ଅବସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ସମାପନ ହୋଇଥିଲା । ଜିଲ୍ଲା କଂଗ୍ରେସର ଅନ୍ତରୀଣ ଅଧ୍ୟକ୍ଷ ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପଦଯାତ୍ରାରେ ପର୍ଯ୍ୟବେକ୍ଷକ ଭାବେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ ଯୋଗ ଦେଇ ଆଜିର କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ । ପଦଯାତ୍ରା ସମୟରେ କଂଗ୍ରେସ ନେତୃବୃନ୍ଦ ଓ କର୍ମକର୍ତ୍ତାମାନେ ସ୍ୱାଧୀନତା ଆନ୍ଦୋଳନରେ ବିଶିଷ୍ଟ ନେତୃବୃନ୍ଦଙ୍କ ତ୍ୟାଗ ଓ ବଳିଦାନ ସମ୍ପର୍କରେ ଏକ ପ୍ରଚାରପତ୍ରରେ ଉଲ୍ଲେଖ କରି ସାଧାରଣ ଲୋକଙ୍କୁ ବିତରଣ କରିଥିଲେ । ସ୍ୱାଧୀନତା ପରେ କିପରି ଗାନ୍ଧୀଜୀଙ୍କ ମାର୍ଗଦର୍ଶନରେ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ, ଲାଲାବାହାଦୁର ଶାସ୍ତ୍ରୀ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ଡ.ବାବାସାହେବ ଆମ୍ବେଦକର ଓ ମୌଲାନା ଆଜାଦ ପ୍ରମୁଖ ଆଧୁନିକ ଭାରତର ଭିତ୍ତି ପ୍ରସ୍ତର ସ୍ଥାପନ କରି ଦେଶକୁ ବିକାଶ ପଥରେ ଆଗେଇ ନେଇଥିଲେ ସେ ସମ୍ପର୍କରେ ପ୍ରଚାର ପତ୍ରରେ ଉଲ୍ଲେଖ କରାଯାଇଛି । ତେବେ ସମ୍ପ୍ରତି ଦେଶରେ ଶାସନ କରୁଥିବା ବିଜେପି ସରକାର କିଭଳି ସାଧାରଣ ଲୋକଙ୍କ ମଧ୍ୟରେ ଥିବା ସଦ୍‌ଭାବ ନଷ୍ଟ କରି ସାମ୍ପ୍ରଦାୟିକ ବିଦ୍ୱେଷ ସୃଷ୍ଟି କରୁଛନ୍ତି ଏବଂ ନିଜର କିଛି କର୍ପୋରେଟ୍ ମିତ୍ରଙ୍କ ସ୍ୱାର୍ଥରକ୍ଷା ପାଇଁ ଦେଶର ମୂଲ୍ୟବାନ ସମ୍ପତ୍ତିକୁ ବିକ୍ରି କରୁଛନ୍ତି ସେ ସମ୍ପର୍କରେ ମଧ୍ୟ ଉଲ୍ଲେଖ କରାଯାଇଥିଲା । ସାଧାରଣ ଲୋକେ ସମ୍ପ୍ରତି ସ୍ୱେଚ୍ଛାଚାରୀ ଅହଂକାରୀ ମୋଦି ସରକାରଙ୍କୁ ଉପଯୁକ୍ତ ଜବାବ ଦେଇ ଦେଶର ସମ୍ବିଧାନ ଓ ଗଣତନ୍ତ୍ରକୁ ବଞ୍ଚାଇବା ପାଇଁ ଏହି ଅବସରରେ କଂଗ୍ରେସ ତରଫରୁ ଆହ୍ୱାନ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ରଘୁନାଥପାଲ୍ଲୀର ପ୍ରଶାନ୍ତ ସେଠୀ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ପୂର୍ବତନ ପିସିସି ସମ୍ପାଦକ ସବୀର ହୁସେନ, ଗଣେଶ ପ୍ରଧାନ, ରଶ୍ମୀରଂଜନ ପାଢୀ, ଉପସଭାପତି ସନ୍ତୋଷ ବିଶ୍ୱାଳ, କୀର୍ତ୍ତନ ଦାସ ଓ ଉମେଶ ଶରଣ, ମହିଳା ସଭାନେତ୍ରୀ ନିରୂପମା ବଳିୟାରସିଂହ, ଯୁବ ସଭାପତି ଜ୍ଞାନେନ୍ଦ୍ର ଦାସ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ ଓ ବିଜୟ ଆପଟ, ମୁଖପାତ୍ର କୈଳାସ ସାହୁ ଓ ଗିରିଜା ମିଶ୍ର, ଓବିସି ଅଧ୍ୟକ୍ଷ ବୈଲୋଚନ ସାହୁ, ସାମାଜିକ ଗଣମାଧ୍ୟମର ସୁଧୀର ନାଥ ଓ ବିଶ୍ୱଜିତ ସାହୁ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର, ଦିଲ୍ଲୀପ ଜେନା, ରୁକସାନା ବେଗମ, ବିନୋଦ ପଟ୍ଟନାୟକ, ସମ୍ପାଦକ ପ୍ରତିମା ପାଣିଗ୍ରାହୀ, ଅମ୍ରିତ କୌର, ଯୁବନେତା ସେଖ ସମୀର, ସେବାଦଳର ବୁଲୁ ଦାସ, ବରିଷ୍ଠ ନେତା କୈଳାସ ବିଶୋୟୀ, ଲିଙ୍ଗରାଜ ମହାନ୍ତି, ବସନ୍ତ ସାମଲ, ବନଲତା ବେହେରା, ଝୁନୁ ପଟ୍ଟନାୟକ, ରେହେମାନ ଖାନ, ସୁବଳ ବାସୁରୀ, ଦୀପକ ପଣ୍ଡା, ଅମୀୟ ଦାସ, ମାନୁ ସାମଲ, କେଏସ୍ଏନ୍ ମୂର୍ତ୍ତି, ମୋତିଲାଲ ସାହୁ, ଡେଭିଡ ପ୍ରଧାନ, ରାଜୁ ପ୍ରସାଦ, ସୁଧୀର ଚୌହାନ, ସାକିର ହୁସେନ, ବିବେକ ସାହୁ, ଏସ୍‌ସି ସେଲ୍‌ର ଆଦେଶ ସୁନା ଓ ଶ୍ୟାମ ସାଗର ପ୍ରମୁଖଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

## ବନ୍ୟାବିପନ୍ନମାନଙ୍କୁ ଉଦ୍ଧାର ଓ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ କିଷାନ କଂଗ୍ରେସର ଦାବୀ

ଭୁବନେଶ୍ୱର (ପିଏନ୍)-ମହାନଦୀ, ବୈତରଣୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା ପ୍ରଭୃତି ନଦୀ ଓ ତାର ଶାଖା ନଦୀରେ ପ୍ରବଳ ବନ୍ୟା ପ୍ରବାହ ଯୋଗୁଁ ରାଜ୍ୟର ୧୦ ଗୋଟି ଜିଲ୍ଲାର ପ୍ରାୟ ୪ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଘୋର ଦୁର୍ଦ୍ଦଶା ମଧ୍ୟରେ ପାଣି ଘେରରେ ରହିଛନ୍ତି। ବନ୍ୟା ପରିସ୍ଥିତି ଅତ୍ୟନ୍ତ ସଙ୍ଗୀନ। ସରକାରଙ୍କ ତୃଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁଁ ପୂର୍ବ ନିର୍ମିତ ବନ୍ଧବାଡଗୁଡ଼ିକ ଦୁର୍ବଳ ଥିବାରୁ ଅଧିକାଂଶ ସ୍ଥାନରେ ଏବେ ଘାଇ ସୃଷ୍ଟି ହୋଇଛି। ଫଳରେ ଅନେକ ଲୋକ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ପ୍ରଶାସନ ତରଫରୁ ଉଦ୍ଧାର କାର୍ଯ୍ୟ ପ୍ରତି ଅଦ୍ୟାବଧି ସେପରି ଗୁରୁତ୍ୱ ଦିଆଯାଉ ନାହିଁ। ବନ୍ୟାଜଳ ନିୟନ୍ତ୍ରଣ କରିବାରେ ସରକାରଙ୍କ ଅସଫଳତା ପଦାରେ ପଡ଼ିଛି। ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବାବେଳେ ନଦୀବନ୍ଧ ଦୁର୍ବଳ ପାଇଁ ରାଜ୍ୟ ସରକାରଙ୍କୁ ପିସିସି କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ଦାୟୀ କରିଛନ୍ତି। ତତ୍‌କ୍ଷଣାତ୍ ବିପନ୍ନ ଲୋକଙ୍କୁ ଥଇଥାନ ଓ ସହାୟତା ଯୋଗାଇବାରେ ସରକାର ଓ ପ୍ରଶାସନର କଚ୍ଛପ ଗତିରେ ବ୍ୟବସ୍ଥା ଚାଲିଛି। ବନ୍ୟା ଯୋଗୁଁ ହଜାର ହଜାର ହେକ୍ଟର ଚାଷଜମିରେ ବାଲିଚର ମାଡ଼ିଯାଇଛି। ଚଳିତ ଚାଷରେ ବହୁ କଷ୍ଟରେ ବିହନ ଓ ତଳିରେ ଖର୍ଚ୍ଚ କରିଥିବା ଚାଷୀ ଏବେ ବେ-ସାହାରା। ତେଣୁ ସରକାର ଚାଷୀଙ୍କ ବିକାଶ ପାଇଁ ଖାଲି ପ୍ରଚାର ପ୍ରସାରକୁ ଗୁରୁତ୍ୱ ନ ଦେଇ ବାସ୍ତବ କ୍ଷେତ୍ରରେ ବିପନ୍ନମାନଙ୍କ ତୁରନ୍ତ ରିଲିଫ୍ ସାମଗ୍ରୀ ପ୍ରଦାନ, ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ, ଆବଶ୍ୟକ ଔଷଧ ପତ୍ର ଯୋଗାଣ, ମାଗଣାରେ ଗୋରୁ ଗାଈଙ୍କ ଖାଦ୍ୟ ଯୋଗାଣ ଏବଂ ପାଣି ଛାଡ଼ିବା ପରେ ଫସଲ କ୍ଷତିଗ୍ରସ୍ତ ଚାଷ ଜମିର ସଠିକ୍ ଅନୁଧ୍ୟାନ କରି ରାଜ୍ୟ ସରକାର ତୁରନ୍ତ ପ୍ରତି ଏକର ପିଛା କ୍ଷତିଗ୍ରସ୍ତ ଚାଷୀଙ୍କୁ ୩୦ ହଜାର ଟଙ୍କା କ୍ଷତିପୂରଣ ସହାୟତା, ଦୁର୍ବଳ ନଦୀବନ୍ଧଗୁଡ଼ିକର ସୁଦୃଢ଼ୀକରଣ, ସବୁ ଚାଷୀଙ୍କଠାରୁ କୃଷି ଋଣ ଛାଡ଼, ବିନା ସୁଧରେ କୃଷିଋଣ ଓ ତଳି, ଉନ୍ନତ ବିହନ ଓ ସାର ମାଗଣାରେ ଯୋଗାଇ ଦେବାକୁ କିଷାନ କଂଗ୍ରେସ ପକ୍ଷରୁ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ, ଓ ବିଭିନ୍ନ ଜିଲ୍ଲା କିଷାନ କଂଗ୍ରେସ ଅଧ୍ୟକ୍ଷ ଭଗବାନ ଜେନା, ବିଜୟ କୁମାର ସ୍ୱାଇଁ, ନିରଞ୍ଜନ ବେହେରା, ସଦାନନ୍ଦ ଓଝା, ନରନାରାୟଣ ଜେନା, ନାରାୟଣ ପରିଡ଼ା, ବସନ୍ତ କୁମାର ମହାରଣା, ଧ୍ରୁବ ଚରଣ ପରିଡ଼ା ପ୍ରମୁଖ ଦୃଢ଼ ଦାବୀ କରିଛନ୍ତି।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଜି.ଉଦୟଗିରି ପଞ୍ଚାୟତ ସମିତି ପ୍ରେକ୍ଷାଳୟରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି



ଜି.ଉଦୟଗିରି (ପିଏନ); କନ୍ଧମାଳ ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲଙ୍କ ଉପସ୍ଥିତିରେ ଜି.ଉଦୟଗିରି ପଞ୍ଚାୟତ ସମିତି ପ୍ରେକ୍ଷାଳୟରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲଙ୍କ ସମେତ ଜିଲ୍ଲା ମୁଖ୍ୟ ଆରକ୍ଷି ଅଧିକାରୀ ଶୁଭେନ୍ଦୁ କୁମାର ପାତ୍ର, ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର ରଣଜିତ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ସୁଷମା ପ୍ରଧାନ, ଗୋଷ୍ଠି ଉନ୍ନୟନ ଅଧିକାରୀ ମନୋଜ କୁମାର ଦେବତା, ତହସିଲଦାର ରଞ୍ଜନ କୁମାର ସାହୁ, ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିବାହୀ ଅଧିକାରୀ ଇତିଶ୍ରୀ ଷଢଙ୍ଗୀ ଓ ଅନ୍ୟାନ୍ୟ ବିଭାଗର ସମସ୍ତ ଉଚ୍ଚପଦସ୍ତ ଅଧିକାରୀ ମାନେ ଉପସ୍ଥିତ ଥିଲେ ।ଉକ୍ତ ଶୁଣାଣି କାର୍ଯ୍ୟକ୍ରମରେ ଜି.ଉଦୟଗିରି ବ୍ଲକର ବିଭିନ୍ନ ପଞ୍ଚାୟତର କେତେକ ଗ୍ରାମରୁ ଆସିଥିବା ଲୋକମାନେ ସେମାନଙ୍କର ବିଭିନ୍ନ ସମସ୍ୟାର ଅଭିଯୋଗକୁ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ ।ଅଭିଯୋଗ ଗୁଡିକ ମଧ୍ୟରେ ରାସ୍ତାଘାଟ, ପାନୀୟଜଳ, ଜମିଜମା, ଶିକ୍ଷା ଏବଂ ପ୍ରଧାନମନ୍ତ୍ରୀ ଆବାସ ଓ ଅନ୍ୟାନ ସମସ୍ୟା ସମ୍ପର୍କିତ ଅଭିଯୋଗ ଜଣାଇଥିଲେ । ଜି.ଉଦୟଗିରି ପଞ୍ଚାୟତସମିତିର ୮ଟି ପଞ୍ଚାୟତ ଓ ଜି.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦର ୧୩ଟି ୱାଡରୁ ମାତ୍ର ୪୮ଟି ଅଭିଯୋଗ ଗ୍ରହଣ ହୋଇଥିବା ସୂଚନା ରହିଛି ।

# ସମସ୍ତ ରାଷ୍ଟ୍ରାୟତ ଓ ଘରୋଇ ବ୍ୟାଙ୍କଗୁଡ଼ିକ କୃଷି କ୍ଷେତ୍ରକୁ ପୁଂଜିଯୋଗାଣ କ୍ଷେତ୍ରରେ ଅଗ୍ରାଧିକାର ଦେବାର ଆବଶ୍ୟକତା ରହିଛି : କୃଷି ମନ୍ତ୍ରୀ ଶ୍ରୀ ସ୍ୱାଇଁ

ଭୁବନେଶ୍ୱର,(ପି.ଏନ):ରାଜ୍ୟର କୃଷକ ଓ କୃଷି ଉଦ୍ୟୋଗୀମାନଙ୍କର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମସ୍ତ ରାଷ୍ଟ୍ରାୟତ ଓ ଘରୋଇ ବ୍ୟାଙ୍କଗୁଡ଼ିକ କୃଷି କ୍ଷେତ୍ରକୁ ପୁଂଜିଯୋଗାଣ କ୍ଷେତ୍ରରେ ଅଗ୍ରାଧିକାର ଦେବାର ଆବଶ୍ୟକତା ରହିଛି ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ଆସନ୍ତା ଏକ ମାସ ମଧ୍ୟରେ ବିଭିନ୍ନ ଯୋଜନାରେ ଆବେଦନ କରାଯାଇଥିବା ଓ ବିଚାରାଧୀନ ଥିବା ସମସ୍ତ ଦରଖାସ୍ତର ଯାଂଚ ପ୍ରକ୍ରିୟା ଶେଷ କରି ଚାଷୀମାନଙ୍କୁ ଆବଶ୍ୟକୀୟ ଋଣ ଯୋଗାଇଦେବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ବ୍ୟାଙ୍କଗୁଡ଼ିକୁ ପରାମର୍ଶ ଦେଇଛନ୍ତି । ଆବେଦନକାରୀଙ୍କୁ କୃଷି ଋଣ ଯୋଗାଇଦେବା କ୍ଷେତ୍ରରେ ଉପୁଜୁଥିବା ସମସ୍ୟାଗୁଡ଼ିକ ସଂପର୍କରେ ବିଭାଗକୁ ଅବଗତ କରାଇଲେ ଏ ଦିଗରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ । ଚାଷୀମାନଙ୍କୁ ଠିକ୍ ସମୟରେ ଋଣ ଯୋଗାଇଦେଲେ କୃଷି ପ୍ରକଳ୍ପଗୁଡ଼ିକର ବିକାଶ ହେବା ସହିତ କୃଷି କ୍ଷେତ୍ରରେ ବ୍ୟାଙ୍କଗୁଡ଼ିକର ଅବଦାନ ପ୍ରକଟ ହେବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ଆଜି କୃଷି ଭବନଠାରେ ଆୟୋଜିତ ଏକ ସମୀକ୍ଷା ବୈଠକରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ବଳରାମ ଯୋଜନା ଏବଂ ମିଶନ୍ ଫର ଇଂଟିଗ୍ରେଟେଡ୍ ଡେଭ୍‌ଲପ୍‌ମେଂଟ ଅଫ୍ ହର୍ଟିକଲଚର ଅଧିନରେ ବିଭିନ୍ନ ପ୍ରକଳ୍ପ ପାଇଁ ଉଭୟ ବାଣିଜ୍ୟିକ ଓ ବେସରକାରୀ ବ୍ୟାଙ୍କରେ କରାଯାଇଥିବା ଆବେଦନଗୁଡ଼ିକର ଅଗ୍ରଗତି ସଂପର୍କରେ ସମୀକ୍ଷା କରି କହିଛନ୍ତି ଯେ କୃଷି କ୍ଷେତ୍ରରେ ବ୍ୟାଙ୍କଗୁଡ଼ିକ ଋଣ ଯୋଗାଣ ମାଧ୍ୟମରେ ପୁଂଜିନିବେଶ କଲେ ରାଜ୍ୟର କୃଷି ଉତ୍ପାଦନ ବୃଦ୍ଧି ପାଇବା ସହିତ ଅନେକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ । ବ୍ୟାଙ୍କ ପକ୍ଷରୁ ସ୍ୱଳ୍ପ ଓ ମଧ୍ୟମ କିସମ କୃଷିଭିତ୍ତିକ ପ୍ରକଳ୍ପ ନିମନ୍ତେ ଋଣ ଦେବାର ଅଧିନିୟମ ରହିଛି । ଏହି ପରିପ୍ରେକ୍ଷୀରେ ବ୍ୟାଙ୍କଗୁଡ଼ିକ ଅଗ୍ରାଧିକାର ଭିତ୍ତିରେ ଋଣ ଯୋଗାଇଦେବା ଉପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗୁରୁତ୍ୱ ଦେଇଛନ୍ତି । ସମବାୟ ବିଭାଗ ମଧ୍ୟ ଯୁଗ୍ମ ଦେୟ ଗୋଷ୍ଠୀମାନଙ୍କୁ ସ୍ୱଳ୍ପ ମିଆଦୀ କୃଷି ଋଣ ଯୋଗାଇଦେବାକୁ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ପରାମର୍ଶ ଦେଇଥିଲେ । ଏମ୍ଆଇଡିଏଚ୍ ପ୍ରକଳ୍ପ ଅଧିନସ୍ଥ ୩୧ଟି କୋଲଡ୍‌ରୁମ୍ ଆସନ୍ତା ୭ ଦିନ ମଧ୍ୟରେ ଆବଶ୍ୟକ କୃଷି ଋଣ ଯୋଗାଇଦେବା ଉପରେ ସେ ଗୁରୁତ୍ୱ ଦେଇଥିଲେ । କୃଷି ଋଣ ଯୋଗାଣ କ୍ଷେତ୍ରରେ ବ୍ୟାଙ୍କମାନଙ୍କ ପାଇଁ ଏକ ମାର୍ଗଦର୍ଶିକା ପ୍ରସ୍ତୁତ କରିବା ପାଇଁ ଡ. ପାଢ଼ୀ ପରାମର୍ଶ ଦେଇଥିଲେ । ଏହି ବୈଠକରେ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟିର ଆବାହକ ତଥା ଜେନେରାଲ୍ ମ୍ୟାନେଜର ଶ୍ରୀ ଜି. ପାତ୍ର, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, ସେଂଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା ଆଦି ରାଷ୍ଟ୍ରାୟତ ବ୍ୟାଙ୍କ ସମେତ ଏଚ୍‌ଡିଏଫ୍‌ସି, ଆଇସିଆଇସିଆଇ, ବନ୍ଧନ ବ୍ୟାଙ୍କ ଆଦି ଘରୋଇ ବ୍ୟାଙ୍କର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବୈଠକରେ ମତ୍ସ୍ୟ ଓ ପ୍ରାଣୀସଂପଦ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସୁରେଶ କୁମାର ବଶିଷ୍ଠ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶ୍ରୀ ପ୍ରେମଚନ୍ଦ୍ର ଚୌଧାରୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ଶ୍ରୀ ରୋହିତ କୁମାର ଲେଙ୍କା, ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନର ନିର୍ଦ୍ଦେଶକ ଶ୍ରୀ ଶୁଭମ୍ କୁମାର ସାକ୍‌ସେନା, ମତ୍ସ୍ୟ ନିର୍ଦ୍ଦେଶକ ମହମ୍ମଦ୍ ସିଦ୍ଧିକ ଆଲାମ୍, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ଲିଃର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଉଦ୍ଧବ ଚନ୍ଦ୍ର ମାଝୀଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ଯୋଗଦେଇଥିବାବେଳେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଜିଲ୍ଲାସ୍ତରୀୟ କୃଷି, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ, ମତ୍ସ୍ୟ ଓ ପ୍ରାଣୀସଂପଦ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ ।

# କନ୍ଦାଉଛି ପିଆଜି : ଜବାବ ଦିଅ ମୋଦି, ନବୀନ ଓ ରଣେନ୍ଦ୍ର : ୟାସିର

ଭୁବନେଶ୍ୱର, (ପି.ଏନ): ଆଜି ପିଆଜ ଦର ଅହେତୁକ ବୃଦ୍ଧି ପ୍ରତିବାଦରେ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଦେଶ ଛାତ୍ର କଂଗ୍ରେସ ସଭାପତି ୟାସିରଙ୍କ ନେତୃତ୍ୱରେ ରାଜ୍ୟ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଭୁବନେଶ୍ୱର ସ୍ଥିତ ସରକାରୀ ବାସଭବନକୁ ଘେରାଉ କରାଯାଇଥିଲା । କୃଷିମନ୍ତ୍ରୀ ମନ୍ତ୍ରୀଙ୍କ ବାସଭବନର ସମ୍ମୁଖରେ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ କିଲୋପ୍ରତି ୨୦ ଟଙ୍କା ଦରରେ ପିଆଜ ବିକ୍ରି କରାଯାଇଥିଲା । ରାସ୍ତାରେ ଯାଉଥିବା ଲୋକମାନେ ଏହି ପିଆଜକୁ କ୍ରୟ କରିଥିଲେ ।

ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଶିଶୁ ଭବନ ଛକଠାରୁ ଏକ ରାଲି କୃଷିମନ୍ତ୍ରୀଙ୍କ ବାସଗୃହ ପର୍ଯ୍ୟନ୍ତ ଆସିଥିଲା ଏବଂ ସେଠାରେ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା । ଏହି ଅବସରରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜ କହିଛନ୍ତି ଯେ ଦୁଇକୋଲା ପିଆଜ ହେଲେ ଜଣେ ଓଡ଼ିଆ ଦୁଇମୁଠା ପଖାଳ ଖାଏ । ମାତ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖମନ୍ତ୍ରୀ ନବୀନ ପଟ୍ଟନାୟକ ଓ କୃଷି ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପାଇଁ ଆଜି ପିଆଜ ଦର ଆଜି ଆକାଶଛୁଆଁ । ଲୋକଙ୍କୁ ପିଆଜ କନ୍ଦାଉଛି । ଏହାର ଜବାବ ମୋଦି, ନବୀନ ଓ ରଣେନ୍ଦ୍ର ଦିଅନ୍ତୁ । କେବେ ଟମାଟୋ କିଲୋପ୍ରତି ୩୦୦ ହେଉଛି ତ କେବେ ପିଆଜ ଦର କିଲୋପ୍ରତି ୧୦୦ ଟଙ୍କା ହେଇଯାଉଛି । ଏବେ ବଜାରରେ ପିଆଜ ଦର ୮୦ ଟଙ୍କା । ଦର ନିୟନ୍ତ୍ରଣ ପାଇଁ କେନ୍ଦ୍ର ବା ରାଜ୍ୟ ସରକାରଙ୍କର କୌଣସି ଯୋଜନା ନାହିଁ । ଓଡ଼ିଶାରେ ପିଆଜ ଚାଷୀଙ୍କୁ ପ୍ରୋତ୍ସାହନ ନାହିଁ । ୨୦୧୫ ମସିହାରେ ନବୀନ ସରକାର ପିଆଜ ମିଶନ କଲେ । ଏଥିରେ ୧୨ କୋଟି ୧୨ଲକ୍ଷ ଟଙ୍କା ବ୍ୟୟବରାଦ ହେଲା । ମାତ୍ର ଏବେ ସେ "ପିଆଜ ମିଶନ" ଗଲା କୁଆଡ଼େ ? ଏବେ ସରକାର ହିସାବ ଦେଉଛନ୍ତି ଓଡ଼ିଶାରେ ପାଖାପାଖି ୪ଲକ୍ଷ ମେଟ୍ରିକ ଟନ ପିଆଜ ବାର୍ଷିକ ଉତ୍ପାଦନ ହେଉଛି ଏବଂ ୩ଲକ୍ଷ ମେଟ୍ରିକ ଟନ ଦରକାର ପଡୁଛି । ତେଣୁ ଏହି ପିଆଜକୁ ଚାଷୀ ଶାଗମାଛ ଦରରେ ଅମଳ ସମୟରେ ବିକି ଦେଉଛି । ରାଜ୍ୟ ବାହାରକୁ ମଧ୍ୟ ପିଆଜ ପଳାଉଛି । କୃଷିମନ୍ତ୍ରୀ ବିଧାନସଭାରେ ଉପସ୍ଥାପିତ କରିଥିବା ତଥ୍ୟ ଅନୁଯାୟୀ ଓଡ଼ିଶାରେ ମାତ୍ର ଶୀତଳ ଭଣ୍ଡାର କାମ କରୁଛି ଏବଂ ୯୭ଟି ଅଚଳ ହୋଇପଡ଼ିଛି । ଏଣୁ ପିଆଜକୁ ସମ୍ଭାଦିବା ପାଇଁ ଓଡ଼ିଶାରେ ଶୀତଳ ଭଣ୍ଡାର ନାହିଁ । ଅନେକ କ୍ଷେତ୍ରରେ ପିଆଜର କଳାବଜାରି କରାଯାଉଛି । ଏଣୁ ଓଡ଼ିଶା ପିଆଜ ପାଇଁ ମହାରଷ୍ଟ୍ର, କର୍ଣ୍ଣାଟକ, ତାମିଲନାଡୁ ଏବଂ ଆନ୍ଧ୍ରପ୍ରଦେଶ ଉପରେ ନିର୍ଭର କରୁଛି । ସେହିପରି ଜାତୀୟ ସ୍ତରରେ ପିଆଜ ଦରକୁ ନିୟନ୍ତ୍ରିତ ରଖିବାପାଇଁ ଏବଂ ପିଆଜ ଉତ୍ପାଦନକୁ ପ୍ରୋତ୍ସାହନ ଏବଂ ପିଆଜକୁ ସାଇତି ରଖିବାପାଇଁ ସରକାରଙ୍କର ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ । ତେଣୁ ପିଆଜ ଦର ଉପରେ ସରକାରଙ୍କର ଲଗାମ ରହୁନାହିଁ । ତୁରନ୍ତ ପିଆଜଦର ଖସାଇବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ପ୍ରଦେଶ ଛାତ୍ର କଂଗ୍ରେସ ଦାବି କରିଛି । ଓଡ଼ିଶାରେ ପର୍ଯ୍ୟାପ୍ତ ଶୀତଳ ଭଣ୍ଡାର ଏବଂ ପିଆଜ ଚାଷୀଙ୍କୁ ପ୍ରୋତ୍ସାହନ ଦେବାପାଇଁ ମଧ୍ୟ ଛାତ୍ର କଂଗ୍ରେସ ଦାବି କରିଛି । ଆଜିର ଏହି କାର୍ଯ୍ୟକ୍ରମରେ ପିସିସି ସାଧାରଣ ସଂପାଦକ ଶ୍ରୀ ପ୍ରକାଶ ମିଶ୍ର, ମନୋଜ ସାହୁ, ଆଲୋକ ଲେଙ୍କା, ଅଜୟ ସାହୁ, ନିହାର ବେହେରା, ସୁନିଲ ମାଟିଆ, ସାଗର ପଟ୍ଟନାୟକ, ରଣଜିତ ସେନାପତି, କାର୍ତିକେଶ୍ୱର କାଣ୍ଡି, ଜଗଦିଶ ଗଜେନ୍ଦ୍ର, ଆଲୋକ ଦାସ, ମହମ୍ମଦ ଗୁଲଫାମ, ରାଜେଶ କୁମାର ଦାସ, ସ୍ପନ୍ଦନ ସ୍ୱାଇଁ, ଆର୍ଯ୍ୟାନ ସାସମଲ, ସୁନିଲ ସାହୁ ଗାନ୍ଧୀ, ଶୁଭମ ଦାସ, ରାଜଦ୍ୱୀପ ବେହେରା, ସୌମ୍ୟ ବରାଳ, ପ୍ରଭୁଶକ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଅମିତ ଶାହଙ୍କର ଉଜ୍ଜୟିନରେ ବାବା ମହାକାଳଙ୍କୁ ଦର୍ଶନ

ଭୋପାଳ: କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଅମିତ ଶାହ ଉଜ୍ଜୟିନସ୍ଥିତ ବାବା ମହାକାଳଙ୍କୁ ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରିଥିଲେ । ମଧ୍ୟପ୍ରଦେଶକୁ ତାଙ୍କର ତିନିଦିନିଆ ଗସ୍ତ ଅବସରରେ ଶ୍ରୀ ଅମିତ ଶାହ ସମସ୍ତ ୧୦ଟି ଡିଭିଜନ୍ ସହିତ ବୈଠକ କରି ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀର କର୍ମୀମାନଙ୍କ ସହିତ ଭାବ ବିନିମୟ କରିଥିଲେ ଏବଂ ସେମାନଙ୍କୁ ବିଜୟର ମନ୍ତ ଦେଇଥିଲେ ।ସୂଚନାଯୋଗ୍ୟ ଯେ ଭାରତୀୟ ଜନତା ପାର୍ଟି ସରକାର ବିମାରୁ (ବିଆଇଏମ୍ଏଆରୟୁ) ରାଜ୍ୟ ମଧ୍ୟପ୍ରଦେଶକୁ ଏକ ବିକଶିତ ରାଜ୍ୟ କରିବାରେ ଯଥେଷ୍ଟ ପ୍ରୟାସ କରିଛି । ଏହି ଅବସରରେ ଶ୍ରୀ ଶାହ କହିଥିଲେ ଯେ, ନ୍ତରାହୁଳ ବାବା କହିଥିଲେ, ଆମେ ସେଠାରେ ମନ୍ଦିର ନିର୍ମାଣ କରିବୁ ଏବଂ ତାରିଖ କହିବୁ ନାହିଁ । ଏବେ ମନ୍ଦିର ନିର୍ମାଣ ହୋଇଛି ଏବଂ ଉଦ୍‌ଘାଟନ ତାରିଖ ମଧ୍ୟ ସ୍ଥିର ହୋଇସାରିଛି । ଯେଉଁମାନଙ୍କର ଉତ୍ପତ୍ତି ଭାରତ ସହିତ ସଂଯୁକ୍ତ ସେମାନେ ରାଷ୍ଟ୍ରର ବିକାଶ କଥା ବୁଝିପାରିବେ । କଂଗ୍ରେସ ମଧ୍ୟ ଉଜ୍ଜୟିନରେ ମହାକାଳ ଲୋକ୍ ନିର୍ମାଣକୁ ବିରୋଧ କରୁଥିଲା, କିନ୍ତୁ ଉଜ୍ଜୟିନ ଲୋକ୍ ମୋଦିଙ୍କ ସମୟରେ ନିର୍ମାଣ କରାଯାଇଛି ।ନ୍ତଦଳକୁ ବିଜୟୀ କରିବା ଦିଗରେ ନେତୃତ୍ୱ ନେବାର ସାମର୍ଥ୍ୟ ରଖୁଥିବା ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ତଥା କେନ୍ଦ୍ର ସ୍ୱରାଷ୍ଟ୍ର ଓ ସହକାରିତା ମନ୍ତ୍ରୀ ଶ୍ରୀ ଅମିତ ଶାହ ମଧ୍ୟପ୍ରଦେଶକୁ ଚଳିତ ଅକ୍ଟୋବର ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ତିନିଦିନିଆ ଗସ୍ତ କରିଥିଲେ । ତାଙ୍କର ବ୍ୟସ୍ତବହୁଳ ଗସ୍ତ ଅବସରରେ ସେ ଦଳୀୟ କର୍ମୀ ଓ ନେତୃବୃନ୍ଦଙ୍କ ସହିତ ଏକାଧିକ ବୈଠକରେ ଯୋଗଦେଇଥିଲେ । ସେ ତିନିଦିନ ମଧ୍ୟରେ ମଧ୍ୟପ୍ରଦେଶର ୧୦ଟି ଡିଭିଜନ ଗସ୍ତକରି ସମସ୍ତ ୨୩୦ ବିଧାନସଭା ନିର୍ବାଚନମଣ୍ଡଳୀର କର୍ମୀମାନଙ୍କ ସହିତ ଭାବ ବିନିମୟ କରିଥିଲେ । ଗସ୍ତର ପ୍ରଥମ ଦିବସରେ ଶ୍ରୀ ଶାହ ଜବଲପୁରରେ ମହାରାଜା ଶଙ୍କର ଶାହ ଜୀ ଏବଂ ଯୁବରାଜ ରଘୁନାଥ ଶାହ ଜୀ'ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ତତ୍‌ପରେ ସେ ଛିନ୍ଦୱାଡା ଜିଲ୍ଲାର ଜୁନ୍ନରଦେବ ବିଧାନସଭା ନିର୍ବାଚନମଣ୍ଡଳୀରେ ଏକ ନିର୍ବାଚନୀ ସମାବେଶରେ ଉଦ୍‌ବୋଧନ ଦେଇଥିଲେ । ତାହାପରେ ସେ ଭୋପାଳ ଏବଂ ନର୍ମଦାପୁରମ୍ ଅଞ୍ଚଳରେ ଦଳୀୟ କର୍ମୀଙ୍କ ସହିତ ବୈଠକରେ ଯୋଗ ଦେଇଥିଲେ ।ଗସ୍ତର ଦ୍ୱିତୀୟ ଦିବସରେ ଶ୍ରୀ ଶାହ ଭୋପାଳରେ ରାଜା ଭୋଜଙ୍କ ପ୍ରତି ଶ୍ରଦ୍ଧାଳି ଅର୍ପଣ କରିଥିଲେ । ଏହାପରେସେ ସାଗର, ରେୱା ଏବଂ ଶାହଡୋଲଠାରେ ଦଳୀୟ କର୍ମୀମାନଙ୍କ ସହିତ ବୈଠକ କରିଥିଲେ । ପରେ ସେ ଉଜ୍ଜୟିନରେ ମହାକାଳ ମନ୍ଦିର ଦର୍ଶନ କରିଥିଲେ । ତାଙ୍କ ଗସ୍ତର ଶେଷ ଦିବସ ଅର୍ଥାତ୍ ଅକ୍ଟୋବର ୩୦ରେ ଶ୍ରୀ ଶାହ ଗ୍ୱାଲିଅର୍‌ଠାରେ ଦଳୀୟ କର୍ମୀଙ୍କୁ ଭେଟି ବିଜୟର ମନ୍ତ୍ର ଦେଇଥିଲେ ।ଛିନ୍ଦୱାଡାଠାରେ ଏକ ଜନ ସମାବେଶରେ ଉଦ୍‌ବୋଧନ ଦେଇ ଶ୍ରୀ ଶାହ କଂଗ୍ରେସ ଦଳକୁ ନିଶାଣ କରି କହିଥିଲେ, ନ୍ତମଧ୍ୟପ୍ରଦେଶରେ ଗାନ୍ଧୀ ପରିବାର, କମଳ ନାଥ ପରିବାର ଏବଂ ଦିଗ୍‌ବିଜୟ ପରିବାର ଆଧିପତ୍ୟ ବିସ୍ତାର କରୁଛନ୍ତି - ଏହି ତିନି ପରିବାର କଂଗ୍ରେସ ଦଳକୁ ପରିଚାଳନା କରୁଛନ୍ତି, ଯେଉଁଥିପାଇଁ ସବୁକିଛି ଏଠାରେ ଧ୍ୱଂସ ପାଇଗଲାଣି । ଗାନ୍ଧୀ ପରିବାର ଆଦେଶ ଦେଉଛନ୍ତି, କମଳ ନାଥ ନିର୍ଦ୍ଦେଶ ଦେଉଛନ୍ତି; କିନ୍ତୁ ଯେତେବେଳେ ଭୁଲ୍ ହୋଇଯାଉଛି, ସେମାନେ ଦିଗ୍‌ବିଜୟଙ୍କୁ ଦୋଷ ଦେଉଛନ୍ତି ।ନ୍ତସେ ପୁନଶ୍ଚ କହିଥିଲେ, ନ୍ତଗୋଟିଏ ରାଜନୈତିକ ଦଳ ଯିଏ ବଂଶବାଦକୁ ଲଦିଦିଏ ତାହା କଦାପି ରାଷ୍ଟ୍ରର କିଛି ଭଲ କରିପାରିବ ନାହିଁ । ପୂର୍ବରୁ କେବଳ ଦିଗ୍‌ବିଜୟ ସିଂହଙ୍କ ସରକାର ଲୁଟ୍ କରୁଥିଲେ, କିନ୍ତୁ କମଳ ନାଥ ସରକାରରେ ଉଭୟ କମଳ ନାଥ ଜୀ ଏବଂ ଦିଗ୍‌ବିଜୟ ସିଂହ ମିଳିତ ଭାବରେ ଲୁଟ୍‌କଲେ ଏବଂ ଅନେକ ଦୁର୍ନୀତି କରିଛନ୍ତି । ଭାରତର ଲୋକମାନଙ୍କ ଦଳର ସରକାର ମଧ୍ୟପ୍ରଦେଶ ଭଳି ଏକ ସମସ୍ୟାରେ ଘାଣ୍ଟି ହେଉଥିବା ରାଜ୍ୟକୁ ଏକ ବିକଶିତ ରାଜ୍ୟରେ ପରିଣତ କରିଛି । ଶ୍ରୀ ଶାହ କହିଥିଲେ, ନ୍ତମୋଦୀ ଜୀ ସମଗ୍ର ବିଶ୍ୱରେ ଭାରତର ପତାକା ଉଡାଉଛନ୍ତି, କିନ୍ତୁ କଂଗ୍ରେସ କିଛି ଦେଖିପାରୁନାହିଁ ।ନ୍ତ ରାହୁଳ ଗାନ୍ଧୀଙ୍କ ଏବଂ ପ୍ରିୟଙ୍କା ଗାନ୍ଧୀଙ୍କୁ ଆକ୍ଷେପ କରି ସେ କହିଲେ, ନ୍ତଯେଉଁମାନଙ୍କର ଉତ୍ପତ୍ତି ଭାରତ ସହିତ ଯୋଡିହୋଇଛି ସେମାନେ କେବଳ ରାଷ୍ଟ୍ରର ବିକାଶକୁ ବୁଝିପାରିବେ ।ନ୍ତକଂଗ୍ରେସ ନେତା କମଳ ନାଥଙ୍କ ସମ୍ପର୍କରେ ପ୍ରକାଶ କରି ଶ୍ରୀ ଅମିତ ଶାହ କହିଲେ, ନ୍ତ୩୫୦ କୋଟି ଟଙ୍କାର ମୋଜେର ବେୟର ଦୁର୍ନୀତି, ୨୪୦୦ କୋଟି ଟଙ୍କାର ଅଗଷ୍ଟା ୱେଷ୍ଟଲାଣ୍ଡ ଦୁର୍ନୀତି, ୬୦୦ କୋଟିର ଆଇପିସିଓ ସାର ଦୁର୍ନୀତି, ୨୫,୦୦୦ କୋଟି ଟଙ୍କାର କୃଷକ ଋଣଛାଡ ଦୁର୍ନୀତି, ୧୧୭୮ କୋଟି ଟଙ୍କାର ଗହମ ବୋନସ୍ ଦୁର୍ନୀତି ଆଦି ଏହି ସମସ୍ତ ଦୁର୍ନୀତି କମଳ ନାଥଙ୍କ ସହିତ ଜଡିତ ଏବଂ ସେ ପୁଣିଥରେ ମୁଖ୍ୟମନ୍ତ୍ରୀ ହେବାକୁ ଇଛା କରୁଛନ୍ତି ।ନ୍ତଆଦିବାସୀ ସାମାଜିକ କଲ୍ୟାଣ ନିମନ୍ତେ କଂଗ୍ରେସ ଦ୍ୱାରା ଆବଣ୍ଟିତ ୨୯,୦୦୦ କୋଟି ଟଙ୍କାକୁ ମୋଦୀ ସରକାରରେ ୧ ଲକ୍ଷ ୩୮ ହଜାର କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ମଧ୍ୟପ୍ରଦେଶକୁ କେବଳ ୭.୫ ଲକ୍ଷ କୋଟି ଟଙ୍କାର ବିକାଶମୂଳକ ଅନୁଦାନ ଏବଂ ୧୨ ଲକ୍ଷ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପ ପ୍ରଦାନ କରାଯାଇଛି । ପୂର୍ବରୁ ଆଦିବାସୀମାନଙ୍କର କଲ୍ୟାଣ ନିମନ୍ତେ ଜଳ, ଜଙ୍ଗଲ ଓ ଜମି କଥା କୁହାଯାଉଥିଲା, କିନ୍ତୁ ମୋଦୀ ସରକାରରେ ଏସବୁ ସହିତ ସେମାନଙ୍କର ସୁରକ୍ଷା, ସେମାନଙ୍କ ସମ୍ମାନ ଏବଂ ସମାବେଶୀ ବିକାଶ ଘଟୁଛି ।ଉଜ୍ଜୟିନରେ ଏକ ଜନ ସମାବେଶରେ ଉଦ୍‌ବୋଧନ ଦେଇ ଶ୍ରୀ ଅମିତ ଶାହ ରାମ ମନ୍ଦିର ନିର୍ମାଣ ପ୍ରସଙ୍ଗରେ କଂଗ୍ରେସକୁ ନିଶାଣ କରିଥିଲେ ଏବଂ କହିଥିଲେ ଯେ, ଦେଶ ସ୍ୱାଧୀନତା ପାଇବା ସମୟରୁ କଂଗ୍ରେସ ପାର୍ଟି ରାମ ମନ୍ଦିର ପ୍ରସଙ୍ଗକୁ ପଥଭ୍ରଷ୍ଟ, ଅବମାନନା କରିବା ସହିତ ଏହାର ଗତିରୋଧ କରିଆସିଛନ୍ତି । କିନ୍ତୁ ମଧ୍ୟପ୍ରଦେଶ ୨୦୧୯ ସାଧାରଣ ନିର୍ବାଚନରେ ଅନେକ ଆସନରେ ବିଜେପି ପ୍ରାର୍ଥୀଙ୍କୁ ଜିତାଇ ଦ୍ୱିତୀୟ ଥର ପାଇଁ ମୋଦୀ ଜୀଙ୍କୁ ପ୍ରଧାନମନ୍ତ୍ରୀ କରାଇଛି । ଶ୍ରୀ ଅମିତ ଶାହ କହିଥିଲେ, ରାହୁଳ ଗାନ୍ଧୀ ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ କଂଗ୍ରେସ ସଭାପତି ଭାବରେ ପ୍ରତ୍ୟେକ ନିର୍ବାଚନରେ କହୁଥିଲେ ଯେ ବିଜେପି ଲୋକେ ମନ୍ଦିର ନିର୍ମାଣ କରିବେ କିନ୍ତୁ ତାରିଖ କଥା କହୁନଥିଲେ; କିନ୍ତୁ ଏବେ ରାହୁଳ ଗାନ୍ଧୀ ଉକ୍ତ ତାରିଖ ଜାଣିରଖିବା ଉଚିତ୍ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୀ ୨୦୨୪ ଜାନୁଆରୀ ୨୨ରେ ଉକ୍ତ ମନ୍ଦିର ଉଦ୍‌ଘାଟନ କରିବେ । ସେ ମନ୍ଦିର ପ୍ରାଣ ପ୍ରତିଷ୍ଠା କରିବା ସହିତ ସେହି ସମାନ ତାରିଖରେ ଏବଂ ଅଯୋଧ୍ୟାର ଉକ୍ତ ସ୍ଥାନରେ ଭଗବାନ ରାମଙ୍କ ବିଗ୍ରହ ଉକ୍ତ ବୃହତ୍ ମନ୍ଦିର ମଧ୍ୟରେ ସ୍ଥାପନ କରାଯିବାକୁ ଘୋଷଣା କରିଛନ୍ତି । ଶ୍ରୀ ଶାହ କହିଥିଲେ, ନ୍ତଆପଣମାନଙ୍କ ସମ୍ମୁଖରେ ଦୁଇଟି ବିକଳ୍ପ ରହିଛି, ଗୋଟିଏ ହେଉଛି କଂଗ୍ରେସ ଯାହା ଏହି ରାଜ୍ୟକୁ ବିଭାଜିତ ଏବଂ ଏଗ ରୁଗ୍ଣ ରାଜ୍ୟରେ ପରିଣତ କରିଛି । ଏବଂ ଅନ୍ୟ ପଟ ହେଉଛି ମୋଦୀ ଜୀଙ୍କ ନେତୃତ୍ୱରେ ପରିଚାଳିତ ବିଜେପି, ଯାହା ୧୮ ବର୍ଷ ମଧ୍ୟରେ ମଧ୍ୟପ୍ରଦେଶରେ ରୂପାନ୍ତରଣ ଆଣିଛି ।




2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Bhubaneswar Wednesday November 01, 2023 ଭୁବନେଶ୍ୱର ବୁଧବାର, ନଭେମ୍ବର ୦୧,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ଆଇନ ସେବା ପ୍ରାଧିକରଣ ଦ୍ୱାରା ଆଇନ ସଚେତନତା କର୍ମଶାଳା



ପୁରୀ, (ପି.ଏନ):ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ତଥା ଜିଲ୍ଲା ଓ ଦୌରାଜଜଙ୍କ ଆଦେଶନୁସାରେ ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଅମିତ କୁମାର ବାରିକଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ପୁରୀ ସହରର ପୁଲିସ ଲାଇନ ହାଇସ୍କୁଲରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପ୍ରାଧିକରଣ ସଚିବ ଅମିତ କୁମାର ବାରିକ ଉଦଘାଟନ କରିବା ସହ ପରିଚାଳନା କରି ନିଜ ବକ୍ତବ୍ୟରେ ଆଇନ ସେବା ପ୍ରାଧିକରଣର ଅଧିନିୟମ ୧୯୮୭ରେ ଥିବା ବିଭିନ୍ନ ବିଧି ବ୍ୟବସ୍ଥାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ, ପୀଡିତ, ପୀଡିତାଙ୍କ କ୍ଷତିପୂରଣ ଯୋଜନା, ନ୍ୟାୟ ସଂଯୋଗ, ସମ୍ମୁଖ କାର୍ଯ୍ୟାଳୟ, ମଧ୍ୟସ୍ଥତା କେନ୍ଦ୍ର ଏବଂ କିଶୋର ନ୍ୟାୟ ଉପରେ ସୂଚନା ଦେଇଥିଲେ। ଆଇନ ସେବା କଣ? ଆଇନ ସେବା ପାଇବା ପାଇଁ କେଉଁ ବର୍ଗର ବ୍ୟକ୍ତି ହକଦାର ଏବଂ ଆଇନ ସେବାର ଉପାଦେୟତା ତଥା ଆଇନସେବା ଅନୁଷ୍ଠାନ ଗୁଡିକର କାର୍ଯ୍ୟକାରିତା ଉପରେ ବିଶଦ ବିବରଣୀ ପ୍ରଦାନ କରିଥିଲେ। ସ୍ଥାୟୀ ଲୋକ ଅଦାଲତ ସମ୍ପର୍କରେ ଧାରଣା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୁଲିସ ଲାଇନ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶିବରାମ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିବା ବେଳେ, ଛାତ୍ରଛାତୀମାନେ ସଚେତନତା ଶିବିରକୁ ସଫଳ କରିବାରେ ସହଯୋଗ କରିଥିଲେ।

## ପୁରୀ ଜିଲ୍ଲାରୁ ମାଟି କଳସ ଦିଲ୍ଲୀ ପଠାଗଲା

ପୁରୀ, ପୁରୀ ଜିଲ୍ଲାରୁ ମେରା ମାଟି ମେରା ଦେଶ ଯୋଜନା ଆଧାରରେ ସମସ୍ତ ୧୧ ଗୋଟି ବ୍ଲକରୁ ସଂଗୃହିତ ମାଟିକୁ ଦିଲ୍ଲୀ ପଠାଯାଇଛି। ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ, ଉପଜିଲ୍ଲାପାଳ ଭବତାରଣ ସାହୁ ଏହି ଅମୃତ କଳସକୁ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରଘୁନାଥ ସେଠୀ ଓ ନେହେରୁ ଯୁବ କେନ୍ଦ୍ରର

## ରଣପୁର ବିଧାନଠିରାଗାନ୍ଧୀଙ୍କ ୩୯ତମ ବଳିଦାନଦିବସ ପାଳିତ

ରଣପୁର,(ପି.ଏନ): ଆଜି ପୂର୍ବାହ୍ନରେ ରଣପୁର ବିଧାନସଭା ଯୁବ କଂଗ୍ରେସ ପକ୍ଷରୁ ଲୌହ ମାନବୀ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟକ୍ଷ ଇନ୍ଦିରାଗାନ୍ଧୀ ଙ୍କ ୩୯ତମ ବଳିଦାନଦିବସ ରଣପୁର ସ୍ଥିତ ପଞ୍ଚୁଦୋଳ ପଡିଆ ରଘୁଦିବାକର ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି।ଯୁବକଂଗ୍ରେସ ସଭାପତି ପ୍ରକାଶ ଚ଼ନ୍ଦ୍ର ନାୟକଙ୍କ ସଭାପତିତ୍ୱ ରେ ଏହି ଉପଲକ୍ଷେ ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇ, ରଘୁଦିବାକର ମଣ୍ଡପ ଠାରେ ସହିଦ ରଘୁଦିବାକର ଓ ଇନ୍ଦିରା ଗାନ୍ଧୀ ଙ୍କ ର ଫୋଟୋ ଚ଼ିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।ଏହି ଉତ୍ସବରେ କଂଗ୍ରେସ ନେତା ତଥା ରାଷ୍ଟ୍ରୀୟ ମଜଦୂର କଂଗ୍ରେସ ରାଷ୍ଟ୍ରୀୟ ସଂଗଠନ ସମ୍ପାଦକ ସତ୍ୟବ୍ରତ ନାୟକ ଯୋଗଦେଇ ବଳିଦାନ ଦିବସରେ ସତ୍ୟ ଓ ନିଷ୍ଠାର ସହିତ ପ୍ରତିଜ୍ଞା ତଥା ସଂକଳ୍ପ କରୁଛୁ ଯେ, ଦେଶର ସ୍ୱାଧୀନତା, ଅଖଣ୍ଡତା, ସଂହତି, ଓ ଏକତା ବଜାୟ ରଖିବା ପାଇଁ ସମର୍ପିତ ହୋଇ କାର୍ଯ୍ୟ କରିବି. ଆଜିର ଦିନରେ ପ୍ରତେକ ଯୁବକଂଗ୍ରେସ କର୍ମକର୍ତ୍ତା ଓ ଯୁବ ବନ୍ଧୁ ମାନେ ସଂକଳ୍ପ ନେବାପାଇଁ ଆହ୍ୱାନ କରିଥିଲେ ଓ ଇନ୍ଦିରା ଗାନ୍ଧୀ ଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଏହି କାର୍ଯ୍ୟକ୍ରମରେ ନଗର କଂଗ୍ରେସ ସଭାପତି ସତ୍ୟରଞ୍ଜନ ମତା, ଜିଲ୍ଲା କଂଗ୍ରେସ ଉପସଭାପତି ସୁରେନ୍ଦ୍ର କଳସ, ପୂର୍ବତନ ଯୁବକଂଗ୍ରେସ ସଭାପତି ମିର ଅବୁବକର ସିଦ୍ଧିକ,ଆଇନି ଯିବି ଉମେଶ ଚ଼ନ୍ଦ୍ର ସାହୁ, ନୃସିଂହ ବର୍ଦ୍ଧନ ସାମନ୍ତ ସ୍ୱଦେଶ ସେନାପତି,ମାନସ ମହାପାତ୍ର, ଅନିଲ ପରିଡା,ଜିତେନ୍ଦ୍ର ରଣସିଂଘ,କୃଷ୍ଣ ସେଠି, ଚ଼କ୍ରଧର ପ୍ରଧାନ,ନବକିଶୋର ସାମନ୍ତରାୟ ପ୍ରମୁଖ ଶତାଧିକ ଯୁବକଂଗ୍ରେସ ଓ କଂଗ୍ରେସ କାର୍ଯ୍ୟକର୍ତା ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ପାରାଦୀପ ରିଫାଇନାରୀ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ପାଳନ

ପାରାଦୀପ,(ପି.ଏନ): ପାରାଦୀପ ରିଫାଇନାରୀ ପକ୍ଷରୁ ସତର୍କତା ସଚେତନତା ପାଳନ ଅବସରରେ ନିର୍ବାହୀ ନିର୍ଦ୍ଦେଶକ କୈଶିକ ବସୁ ରିଫାନାରୀ ଅଧିକାରୀ ଓ କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ । ମୁଖ୍ୟ ସତର୍କତା କମିଶନର, ଇଣ୍ଡିଆନ୍ ଅଏଲ ଅଧକ୍ଷଙ୍କ ସମେତ ରିଫାନାରୀ ନିର୍ଦ୍ଦେଶକଙ୍କ ବା ର୍। ପାଠ କରାଯାଇଥିଲା । କର୍ମକ୍ଷେତ୍ରରେ କର୍ମଚାରୀ ଓ ଅଧିକାରୀଙ୍କୁ ସାଧୁତା ଓ ସଚ୍ଚୋଟତା ଅବଲମ୍ବନ କରିବାକୁ ଶ୍ରୀ ବସୁ ନିବେଦନ କରିଥିଲେ । ଏହି ଅବସରରେ ଏକ ସତର୍କତା ରଥ ପରିକ୍ରମା ନିମନ୍ତେ ଏହାର ଯାତ୍ରା ଆରମ୍ଭ କରିଥିଲା । ଶ୍ରୀ ବସୁ ଏହି ସତର୍କତା ରଥକୁ ପତାକା ଦେଖାଇ ଏହାର ଯାତ୍ରାର ଶୁଭାରମ୍ଭ କରିଥିଲେ । ଏହି ସପ୍ତାହ ପାଳନ ଅବସରରେ ବିଭିନ୍ନ ସଚେତନାମୂଳକ ନାଟକ, ଚିତ୍ରାଙ୍କନ ଆଦି ଅନୁଷ୍ଠିତ ହେବ ବୋଲି ରିଫାଇନାରୀ ପକ୍ଷରୁ ପ୍ରକାଶିତ ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି ।

## ଉଦଯାପିତ ହେଲା ବିଜେଡିର ପ୍ରଶିକ୍ଷଣ ଶିବିର



ନିମାପଡ଼ା,(ପି.ଏନ):ଆଜି ଶେଷ ହୋଇଛି ବିଜେଡିର ତିନିଦିନିଆ ପ୍ରଶିକ୍ଷଣ ଶିବିର।ଗତ ୨୯ତାରିଖରୁ ଆରମ୍ଭ ହୋଇଥିବା ବିଜେଡିର ପ୍ରଶିକ୍ଷଣ ଶିବିରରେ ନିମାପଡା ନିର୍ବାଚ଼ନ ମଣ୍ଡଳୀର ୪୬ଟି ଗ୍ରାମ ପଞ୍ଚାୟତର ଛାମୁଆ ନେତା, କର୍ମୀ, ଯୁବକ ଓ ମହିଳା ମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ସାଧାରଣ ନିର୍ବାଚ଼ନକୁ ଦୃଷ୍ଟିରେ ରଖି ନିମାପଡ଼ା ବିଜେଡି ତାର କାର୍ଯ୍ୟଧାରା ଓ ରଣନୀତି ପ୍ରସ୍ତୁତ କରିଛି।ଏହି ତିନିଦନିଆ ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷକ ଭାବେ ଇପ୍ସିତା ସାହୁ, ମଧୁସ୍ମିତା ନାୟକ ଓ ବିଜେଡି ମିଡ଼ିଆ ସେଲ ମୁଖ୍ୟ ସ୍ୱଂୟ ପ୍ରକାଶ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଶିବିରରେ ଯୋଗ ଦେଇଥିବା ସମସ୍ତ କର୍ମୀ ମାନଙ୍କୁ ଆଗାମୀ ନିର୍ବାଚ଼ନ ପାଇଁ ଦଳ ପକ୍ଷରୁ ଗୁରୁ ମନ୍ତ୍ର ଦେବା ସହିତ କିପରି ଆଗାମୀ ସାଧାରଣ ନିର୍ବାଚ଼ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ଦାୟିତ୍ୱ ଦିଆଯିବ ଏବଂ ନିମାପଡାରେ ଚ଼ତୁର୍ଥ ଥର ପାଇଁ ଶଙ୍ଖ ଚ଼ିହ୍ନକୁ ବିପୁଳ ସମର୍ଥନ ମିଳିବ ପ୍ରଶିକ୍ଷଣ ଶିବିରର ମୁଖ୍ୟ ଲକ୍ଷ୍ୟ ବୋଲି ଶିବିର ପକ୍ଷରୁ ସୂଚ଼ନା ମିଳିଛି। ପୂର୍ବତନ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ସମୀର ରଞ୍ଜନ ଦାଶ, ବ୍ଲକ ଅଧକ୍ଷ ଶଙ୍କର ଭୋଇ, ବ୍ଲକ ବିଜେଡି ସଭାପତି ଅଶୋକ ସାହୁ, ନଗର ସଭାପତି ଜୀବନାନନ୍ଦ ମହାପାତ୍ର ଓ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇଙ୍କ ସମେତ ସମସ୍ତ ଦଳୀୟ କର୍ମକର୍ତ୍ତା, ନିର୍ବାଚ଼ିତ ପ୍ରତିନିଧି ଓ ତିନି ହଜାରରୁ ଉର୍ଦ୍ଧ୍ୱ କର୍ମୀ ୯ଟି ଅଧିବେସନରେ ଯୋଗଦେଇଥିଲେ।

## ନିମାପଡା ହାବିଲଦାରଙ୍କ କଳା କାରନାମା ହାଟରେ ପଡି ଦାଣ୍ଡରେ ଗଡୁଛି

ନିମାପଡ଼ା,(ପି.ଏନ): ନିମାପଡା ଥାନାର ଗୁମର ଏବେ ଦାଣ୍ଡରେ ପଡି ହାଟରେ ଗଡ଼ିଲାଣି।ପଦୋନ୍ନତି ପାଇ ହୋମଗାର୍ଡରୁ ହାବିଲଦାର ହୋଇଥିବା ଜନୈକ ବ୍ୟକ୍ତିଙ୍କ କଳା କାରନାମା ନିମାପଡ଼ା ଥାନା ଅଞ୍ଚଳରେ ମୁଖ୍ୟ ଚ଼ର୍ଚ୍ଚାର ବିଷୟବସ୍ତୁ ପାଲଟିଛି।ନିକଟ ଅତୀତରେ ଏହି ଥାନା ଅନ୍ତର୍ଗତ ବଡଶିରିବିଲା ଓ ଭଗବାନସୁନ୍ଦରା ଗ୍ରାମ୍ୟ ବିବାଦରେ ୧୨ଘଣ୍ଟା ଧରି ପୋଲିସ ଗାଡି ଅଟକ ରହିବାର ମୁଖ୍ୟ ସୂତ୍ରଧର ଥିଲା ଏହି ହାବିଲଦାର।ତତ୍କାଳୀନ ଥାନାଧିକାରୀଙ୍କୁ ବଦନାମ କରିବା ପାଇଁ ଏବଂ ଏହି ବିଭାଗର ଜନୈକ ପଦସ୍ଥ ଅଧିକାରୀଙ୍କ ପ୍ରରୋଚ଼ନାରେ ଭଗବାନସୁନ୍ଦରା ଗ୍ରାମବାସୀଙ୍କୁ ଥାନାଧିକାରୀଙ୍କ ବିରୋଧରେ ଉସକାଇବା ଫଳରେ ସେମାନେ ଉତ୍ୟକ୍ତ ହୋଇ ପୋଲିସ ଗାଡ଼ିକୁ ଦୀର୍ଘ ସମୟ ଧରି ଅଟକାଇ ରଖିଥିଲେ।ଏ ନେଇ ନିମାପଡ଼ା ଥାନାରେ ମାମଲା ମଧ୍ୟ ହୋଇଛି।ଦରମାକୁ ବାଦ୍ ଦେଲେ ସଂପୃକ୍ତ ହାବିଲଦାର ପ୍ରତ୍ୟେକ ଦିନ ପ୍ରାୟ କୋଡିଏ ହଜାର ଟଙ୍କା ଉପୁରି ରୋଜଗାର କରିଥାଏ ବୋଲି ନାମ ଗୋପନ ରଖିବା ସର୍ତରେ ଥାନାର ଜନୈକ କର୍ମଚ଼ାରୀ ଆମ ପ୍ରତିନିଧିଙ୍କୁ ଜଣାଇଛନ୍ତି।ଏହି ଆଦାୟ ଅର୍ଥକୁ ସଂପୃକ୍ତ ହାବିଲଦାର ନେଇଥାଏ କି ଆଉ କୋଉ ପଦସ୍ଥ ଅଧିକାରୀ ଏଥିରୁ ଭାଗ ପାଇଥାନ୍ତି ତାହା ତଦନ୍ତ ସାପେକ୍ଷ।ନିମାପଡ଼ା ଅଞ୍ଚଳର ଜନସାଧାରଣ ଶାନ୍ତିପ୍ରିୟ ହୋଇଥିବାବେଳେ କୌଣସି କାର୍ଯ୍ୟରେ ଯଦି ଥାନାକୁ ଆସିଥାନ୍ତି ତାଙ୍କୁ ଥାନାଧିକାରୀଙ୍କୁ ଦେଖାକରାଇ ଦେବା କଥା କହି ସଂପୃକ୍ତ ହାବିଲଦାର ତାଙ୍କ ଠାରୁ ଭଲ ରକମର ମାଲ୍ ଝଡାଇଥାଏ।ଆଉ ମଧ୍ୟ ନିମାପଡ଼ା ଦେଇ ଯାଉଥିବା କାଠ ଗାଡି, ବାଉଁଶ ଗାଡି, ଗୋରୁ ଗାଡି, ପଥର ଗାଡି, ମୋରମ ଗାଡି, ବାଲି ଗାଡିକୁ ଅଟକାଇ ବଟି ଆଦାୟ କରିବାରେ ମାହିର ଏହି ହାବିଲଦାର।ଚୋରା ମଦ ବେପାରୀଙ୍କ ଠାରୁ ସାପ୍ତାହିକ ବଟି ମଧ୍ୟ ଏହି ହାବିଲଦାର ଜଣଙ୍କ ଆଦାୟ କରିଥାନ୍ତି।ଖାଲି ସେତିକିରେ ତାଙ୍କ ମନ ବୁଝେନି।କୌଣସି ଅଭିଯୁକ୍ତର ଗିରଫ ପରୱାନା ଯଦି କୋର୍ଟରୁ ଆସେ ତେବେ ସଂପୃକ୍ତ ହାବିଲଦାର ସେ ଅଭିଯୁକ୍ତକୁ




ଆଗୁଆ ଖବର ଜଣାଇ ତାଠାରୁ ମୋଟା ଅଙ୍କର ଅର୍ଥ ଆଦାୟ କରିଥାଏ ବୋଲି ଶୁଣିବାକୁ ମିଳିଛି।ଗତ କିଛି ଦିନ ତଳେନ୍ତ ନିମାପଡ଼ା ଥାନାରେ ହାବିଲଦାର ଓ ହୋମଗାର୍ଡଙ୍କ ଉତ୍ପାତନ୍ତ ଏବଂନ୍ତମାଲଖାନାରୁ ମାଲ ଗାଏବନ୍ତ ଶୀର୍ଷକ ଖବର ବିଭିନ୍ନ ଗଣମାଧମରେ ପ୍ରକାଶ ପାଇଥିଲା।ମାତ୍ର ସଂପୃକ୍ତ ହାବିଲଦାରଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିଲା।ତାଙ୍କ ଉପରେ କୁଆଡେ ଥାନାଧିକାରୀଙ୍କ ଠାରୁ ଆରମ୍ଭ କରି ବିଭାଗର ବହୁ ବଡ଼ ବଡ଼ ଅଧିକାରୀଙ୍କ ଆଶିର୍ବାଦ ଅଛି ବୋଲି ସେ ଚ଼ାରିଆଡ଼? କହିବୁଲନ୍ତି।ସେଥିପାଇଁ ସଂପୃକ୍ତ ହାବିଲଦାର କୁଆଡେ ଉପରମୁହାଁ ବୋଲି ସାଧାରଣରେ ଚ଼ର୍ଚ୍ଚା ହେଉଛି।ଜଣେ କନେଷ୍ଟବଳଙ୍କର କେତେ ଟଙ୍କା ଦରମା ତାହା ଉଣା ଅଧିକେ ସମସ୍ତଙ୍କୁ ଜଣା।ମାତ୍ର ସଂପୃକ୍ତ ହାବିଲଦାର କନେଷ୍ଟବଳ ଥିବା ସମୟରେ ପରିବାର ଚ଼ଳାଇ ନିମାପଡ଼ାରେ ଯାଗା କିଣି ସୁରମ୍ୟ ଅଟ୍ଟାଳିକା ନିର୍ମାଣ କରିଛି କାହା ପଇସାରେ ତାହାର ଭିଜିଲାନ୍ସ ତଦନ୍ତ ହେଲେ ସମସ୍ତ କଥା ଲୋକଲୋଚ଼ନକୁ ଆସିପାରନ୍ତା।ଦେଖିବାକୁ ରହିଲା ବିଭାଗୀୟ ଅଧିକାରୀ ସଂପୃକ୍ତ ?ହାବିଲଦାରକୁ ସୁରକ୍ଷା ଦେଉଛନ୍ତି ନା ତା ବିରୋଧରେ କାର୍ଯ୍ୟାନୁଷ୍ଠାନଗ୍ରହଣ କରୁଛନ୍ତି।

## ଜିଲ୍ଲା ସ୍ତରୀୟ କଳା ଉତ୍ସବ-୨୦୨୩ ଅନୁଷ୍ଠିତ



ପୁରୀ, (ପି.ଏନ):ଜିଲ୍ଲା ସ୍ତରୀୟ କଳା ଉତ୍ସବ ମଙ୍ଗଳବାର ସ୍ଥାନୀୟ ଏଲଆଇସି କଲୋନୀ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଜିଲ୍ଲା ସ୍ତରୀୟ କଳା ଉତ୍ସବା-୨୦୨୩ କାର୍ଯ୍ୟକ୍ରମ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡିଶା ସରକାରଙ୍କ ଏକ ଅଭିନବ ପ୍ରୟାସ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ପ୍ରତ୍ୟେକ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ ଏବଂ ଶିକ୍ଷା ମାଧ୍ୟମରେ ପିଲାମାନଙ୍କର ପୂର୍ଣ୍ଣାଙ୍ଗ ବିକାଶ ଓ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ସାଧନ କରିବା। କଳା ଉତ୍ସବରେ ଶାସ୍ତ୍ରୀୟ କଣ୍ଠ ସଙ୍ଗୀତ, ଶାସ୍ତ୍ରୀୟ ନୃତ୍ୟ, ଲୋକ ନୃତ୍ୟ, ଏକକ ଅଭିନୟ, ଚିତ୍ରାଙ୍କନ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷାଧିକାରୀ ବିଶ୍ୱଜିତ ଘୋଷ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମର୍ଥା ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ବରଦା ପ୍ରସନ୍ନ ରାଉତ, ମମତା ବେହେରା, କମଳାକାନ୍ତ ରଥ, ଇତି ହୋତା, ନାରାୟଣ ଚନ୍ଦ୍ର ମହାନ୍ତି, ରଶ୍ମିରଞ୍ଜନ ନାୟକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଲଆଇସି କଲୋନୀ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରିଶେଷରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମର୍ଥା ଧନ୍ୟବାଦ ଅର୍ପଣ କରିଥିଲେ।




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray